ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

୨୨ଅଗଷ୍ଟ-୪ସେପ୍ଟେମ୍ବର, ୨୦୧୮

**ଭାରତ-ଭାରତୀ** : ଅଟଳବିହାରୀ ବାଜପେୟୀ

**ସ୍ମରଣୀୟ** : କିଶୋର ଆକାଶ୍

**ସ୍ମୃତି-ଅନୁଭୂତି** : ବୈଷ୍ଣବ ଚରଣ ପରିଡ଼ା

**ପ୍ରଥମ ବହି** : ରାଧାଶ୍ୟାମ ରାଉଳ

**ପହିଲି ପୁଲକ** : ବନଜା ବିଶ୍ୱାଳ





# କେହି ଜଣେ ଆସିବ

**ରାଧାଶ୍ୟାମ ରାଉଳଙ୍କ ଜନ୍ମ ବାଲେଶ୍ୱର ଜିଲ୍ଲା ବାଲିଆପାଳର ବଡ଼ ସିମୁଳିଆ ଗାଁରେ। ୧୯୯୦ରୁ ସାହିତ୍ୟ ସାଧନାରେ ବ୍ରତୀ। କବିତାରୁ ଖଡ଼ିଛୁଆଁ। ସାମ୍ପ୍ରତିକ ବ୍ୟଙ୍ଗ ସାହିତ୍ୟରେ ଖୁବ୍ ଯଶସ୍ୱୀ ହୋଇଥିବା ଏଇ ଲେଖକଙ୍କର ପ୍ରକାଶିତ ପୁସ୍ତକ: 'କେହି ଜଣେ ଆସିବ' (କବିତା), 'ଚୁଗୁଲି', 'କାଚଘରେ ରହୁଥିବା ଲୋକ', 'ଫୁଲ୍ ଅଫିସିଆଲ୍' ଓ 'ଖେଳ ଖତମ୍' (ବ୍ୟଙ୍ଗ ଗଳ୍ପ)। ସ୍ୱକୀୟ ରଚନାର ବୈଶିଷ୍ଟ୍ୟ ପାଇଁ 'ରାଷ୍ଟ୍ରଦୀପ' ଓ 'ଧ୍ୱନି ପ୍ରତିଧ୍ୱନି' ଦ୍ୱାରା ପୁରସ୍କୃତ ହେବା ସହିତ 'ବ୍ୟଙ୍ଗମଣି' ଓ 'ବ୍ୟଙ୍ଗଶ୍ରୀ' ସମ୍ମାନରେ ସମ୍ମାନିତ...**



ରାଧାଶ୍ୟାମ ରାଉଳ


'କେହି ଜଣେ ଆସିବ' ମୋର ପ୍ରଥମ କବିତା ବହି। କବି ସଦାଶିବ ଦାଶଙ୍କ ଚିତ୍ରୋତ୍ପଳା ପବ୍ଲିକେଶନ୍ସ ତରଫରୁ ବହିଟି ୨୦୦୦ ମସିହାରେ ପ୍ରକାଶିତ। ବହିରେ ପଚାଶଟି କବିତା ସ୍ଥାନିତ। 'କେହି ଜଣେ ଆସିବ' ବହିର ପ୍ରଥମ କବିତା। ବହି ପ୍ରକାଶନ ପୂର୍ବରୁ ଏଥିରେ ଥିବା ପ୍ରାୟ ସବୁ କବିତା ଧରିତ୍ରୀ, ପ୍ରଜାତନ୍ତ୍ର, ସମୟ, ପ୍ରଗତିବାଦୀ, ମାତୃଭାଷା ସମେତ ଅନ୍ୟାନ୍ୟ ଖବରକାଗଜ ସାହିତ୍ୟପୃଷ୍ଠା ଏବଂ ମାସିକ ପତ୍ରିକାରେ ପ୍ରକାଶିତ ହୋଇ ସାରିଥିଲା।

୧୯୯୦ରୁ ମୋ' ଲେଖାଲେଖି ଜୀବନ ଆରମ୍ଭ। ପ୍ରେମ ଓ ଜୀବନଦର୍ଶନ ମୋ' କବିତା ଲେଖାର ଅଧାର। ନିରବଚ୍ଛିନ୍ନ ଭାବେ ଆଠ, ନଅ ବର୍ଷ କବିତାରେ ବିତିବା ପରେ ୧୯୯୯ ଜୁଲାଇରେ କବି ସଦାଶିବ ଦାଶଙ୍କ ସହ ମୋର ଭେଟ ହୁଏ। ଏକ ସାହିତ୍ୟ ସଭାକୁ ସେ ଅତିଥି ହୋଇ ଜଳେଶ୍ୱର ଆସିଥା'ନ୍ତି। ରାଜ୍ୟସ୍ତରୀୟ ସେଇ କବିତା ପାଠୋତ୍ସବରେ ମୁଁ ଥାଏ ସଂଯୋଜକ। ମୋ' ସଂଯୋଜନାରେ ସଦାଶିବ ବାବୁ ସନ୍ତୁଷ୍ଟ ହେଲେ।

ଉତ୍ସବ ସରିଯିବା ପରେ ସନ୍ଧ୍ୟାରେ କବି ବନମାଳୀ ସେନାପତିଙ୍କ ଘରେ ବିସ୍ତୃତ କବିତା ଚର୍ଚ୍ଚା ଚାଲିଲା ଆମ ଆମ ଭିତରେ। ତାଙ୍କ ଆଗ୍ରହରେ ମୁଁ ମୋ' ଡାଏରୀରୁ ପାଞ୍ଚ ଛଅଟି କବିତା ପଢ଼ିଲି। ମୋ' କବିତା ଶୁଣି ସେ ତନ୍ମୟ ହୋଇଗଲେ। କହିଲେ– 'ବାଃ, ଚମତ୍କାର କବିତା ତ ତୁମେ ଲେଖୁଛ!' ପ୍ରସ୍ତାବ ଦେଲେ– 'ମୁଁ ଆସନ୍ତାକାଲି ରହୁଛି। ପଅରଦିନ ସକାଳେ ସାଲେପୁର ଫେରିବି। ତୁମେ ତୁମର ବଛାବଛା ପଚାଶ ପଞ୍ଚାବନଟି କବିତା କାଲି ସନ୍ଧ୍ୟା ସୁଦ୍ଧା ଗୋଟିଏ କଭର ଫାଇଲରେ ଭର୍ତ୍ତି କରି ମୋତେ ଆଣି ଦିଅ। ତୁମ 'ପ୍ରଥମ ବହି' ମୁଁ ଛାପିବି। ହେଲା ?'

## ପ୍ରଥମ ବହି

ମୁଁ ତାଙ୍କ କଥାରେ ରାଜି ହୋଇ ତା' ପରଦିନ ସନ୍ଧ୍ୟା ସୁଦ୍ଧା ଫାଇଲ୍ ବଢ଼େଇଦେଲି ତାଙ୍କ ହାତକୁ, ଯେଉଁ ଫାଇଲ୍ ଭିତରେ ଥିଲା ମୋର ନିର୍ବାଚିତ ପଚାଶଟି କବିତା। ସେଇ ପଚାଶଟି କବିତାର ସମାହାରରେ ମୋର ପ୍ରଥମ ବହି 'କେହି ଜଣେ ଆସିବ' ଯେଉଁ ଦିନ ପ୍ରକାଶିତ ହେଲା, ସେ ଦିନର ମଧୁମୟ ସ୍ମୃତିକୁ ମୁଁ କେବେବି ଭୁଲିପାରିବି ନାହିଁ ମୋ' ଜୀବନରେ। ସତେ ଯେମିତି ସେଦିନ ମୁଁ ନିଜକୁ ନିଜେ ହଜେଇ ଦେଇଥିଲି କବିତାର ଅପାର ଆନନ୍ଦରେ।




ବାଲେଶ୍ୱରର 'ଚନ୍ଦ୍ରଭାଗୋତ୍ସବ'ରେ 'ମନିକାର' କବି ଡକ୍ଟର ପ୍ରସନ୍ନ କୁମାର ମିଶ୍ରଙ୍କ କରକମଳରେ ଲୋକାର୍ପିତ ହୋଇଥିଲା 'କେହି ଜଣେ ଆସିବ'।

ସଭାରେ ବହୁ କବିଙ୍କ ଭିତରେ ଥିଲେ କବି ଦୀପକ ମିଶ୍ର ଓ ବ୍ରଜନାଥ ରଥ। ସେ ତିନିହେଁ କୌତୁକ କରି କହିଥିଲେ– 'ତମକୁ ତମ ସାଧନାରୁ ନିଶ୍ଚେ ସିଦ୍ଧି ମିଳିବ ହୋ ରାଧାଶ୍ୟାମ!' ଇହଧାମରେ ନ ଥିବା ମୋ' ବାପାଙ୍କୁ ଏବଂ ମୋ' ପାଖରେ ଥାଇ ମୋତେ ସାହସ, ଶକ୍ତି, ଆତ୍ମବିଶ୍ୱାସ ଓ ସର୍ବୋପରି ପ୍ରେରଣା ଯୋଗାଉଥିବା ମୋ' ବୋଉଙ୍କୁ ମୁଁ ଉତ୍ସର୍ଗ କରିଥିଲି 'କେହି ଜଣେ ଆସିବ'। ଏବେ ମୋ' ସାଧନାର ସ୍ୱତନ୍ତ୍ର କ୍ଷେତ୍ର ବ୍ୟଙ୍ଗ ଓ ରମ୍ୟ ରଚନା ହୋଇଥିଲେ ହେଁ କବିତା ସବୁବେଳେ ମୋ' ଭିତରେ ରହିଆସିଛି, ରହିଛି, ରହିଥିବ ମଧ୍ୟ।

---




## ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ କବିଙ୍କ କବିତାରେ ଝଂକୃତ ସାହିତ୍ୟାୟନ...

ମହାଶୟ,

* ୨୫ ଜୁଲାଇ – ୭ ଅଗଷ୍ଟ, ୨୦୧୮ 'ସାହିତ୍ୟାୟନ' ପୋଖତ ଲେଖନୀରୁ ଉତ୍ତୁରିଛି। 'ଓଡ଼ିଶା ଓ ଅନ୍ୟାନ୍ୟ ଗଳ୍ପ' ପାଠ କରି ମୃଣାଳଙ୍କ 'ପ୍ରଥମ ବହି' ସମ୍ପର୍କରେ ସୂଚନା ପାଇଲି। 'ଓଡ଼ିଆ ଭାଷା ଓ ପରିଭାଷା' ସମ୍ପ୍ରତି ଆମ ଗହଣରେ ନ ଥିବା ଧନେଶ୍ୱର ମହାପାତ୍ରଙ୍କ ଗବେଷଣାଲବ୍ଧ ଜ୍ଞାନର ପ୍ରତିଫଳନ। 'ବାପା ମୁରୁକି ହସି ହାତକୁ ବଢ଼ାଇ ଦେଇଥିଲେ ମୋ' ପ୍ରଥମ ଲେଖା'– 'ପହିଲି ପୁଲକ'ର ମୀରା ସନ୍ତୋଷୀଙ୍କୁ ସ୍ୱୀକୃତି ପ୍ରଦାନ କରିଥିବା 'ନନ୍ଦନକାନନ ପତ୍ରିକା'କୁ ଧନ୍ୟବାଦ। 'ପୁସ୍ତକ ପରିଚୟ' ପୃଷ୍ଠାଟି ସବୁବେଳେ ନୂତନତାର ସନ୍ଧାନ ପ୍ରଦାନରେ ଆସୁଛି 'Book is food of youth'। ତେଣୁ ଗାନ୍ଧୀ ମହାତ୍ମା, କଥା ସରିନାହିଁ, ହାରିଯାଇଥିବା ମଣିଷ, ସହରରେ ଜହ୍ନ ନାହିଁ ଏବଂ ରେଲ୍ ରୋମାନ୍ସ ପରି ବହି ପାଠକେ ପଢ଼ିବା ଦରକାର। କାରଣ ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଉକ୍ତ ସଂଖ୍ୟାର କବିତା ପୃଷ୍ଠାଟି ଛବିଳ ହେବା ସହ କେନ୍ଦ୍ରାପଡ଼ା, ଭୁବନେଶ୍ୱର, ବଲାଙ୍ଗୀର ଓ ଟିଟିଲାଗଡ଼ ଅର୍ଥାତ୍ ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ କବିଙ୍କ କବିତା ଝଙ୍କାରରେ ନିନାଦିତ ହୋଇଛି। ବାସ୍ତବରେ କବିତା ହେଉଛି କବି ପ୍ରାଣରେ ଜାଗରିତ ଏକ ମାର୍ମିକ ପ୍ରତିବେଦନ, ଯହିଁରୁ ରସଗ୍ରାହୀ ରସ ସଂଗ୍ରହ କରିବାବେଳେ ଅନ୍ୟ ନିକଟରେ ତାହା ସାଧାରଣ ଶବ୍ଦଜାଲ ହୋଇଥାଏ। ପ୍ରଖ୍ୟାତ ଅନୁବାଦକ ଶରତ କୁମାର ରାଉତଙ୍କ 'ହିରୋ' ବାସ୍ତବରେ 'ଜିରୋ'। 'ସ୍ମରଣୀୟ ସ୍ତମ୍ଭ'ରୁ ପୁରୁଖା ଗାଳ୍ପିକ ରମେଶ ପଟ୍ଟନାୟକଙ୍କ ଲେଖନୀରୁ ଜନ୍ମ ନେଇଥିବା 'ସଂଗ ସୁଖ' ଗଳ୍ପର ସମସ୍ତ ଧର୍ମରକ୍ଷା କରିବା ସହ ଅତର୍କିତ ସମାପ୍ତିର ଘଣ୍ଟବାଦନ ଏକ ଶ୍ରେଷ୍ଠ ଗଳ୍ପର ନମୁନା ନୁହେଁ କି ? ରଙ୍ଗିନ୍ ପ୍ରଚ୍ଛଦ ସହ ପାକ୍ଷିକ 'ସାହିତ୍ୟାୟନ'ର ବିକଳ୍ପ ନାହିଁ। ଆଗାମୀର ପ୍ରତୀକ୍ଷାରେ...।

*– ପ୍ରତାପ ଚନ୍ଦ୍ର ପାଢ଼ୀ (ଶିକ୍ଷକ),*
*ରେଡିକାସାହି ଛକ, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ*

* ସାହିତ୍ୟାୟନ କେବେ ପ୍ରକାଶ ପାଉଛି, ତାହା ଧରିତ୍ରୀର ପାଠକମାନେ ଜାଣି ପାରୁନାହାନ୍ତି। ହକରମାନେ ଧରିତ୍ରୀ ଦେଉଛନ୍ତି, କିନ୍ତୁ ସାହିତ୍ୟାୟନ ଦେଉନାହାନ୍ତି। ଧରିତ୍ରୀ ସହ ସାହିତ୍ୟାୟନ ଦେଇ ଧରିତ୍ରୀର ମୂଲ୍ୟ ଛଅ ଟଙ୍କା କଲେ ଭଲ ହେବ।

***– ମନୋରଞ୍ଜନ ମିଶ୍ର, ଗାନ୍ଧୀଛକ, ବଉଦରାଜ, ବୌଦ୍ଧ***

**ଆମ ଉତ୍ତର:** 'ଧରିତ୍ରୀ'ର ପ୍ରଥମ ପୃଷ୍ଠାରେ କ୍ରେତା ଓ ପାଠକମାନେ ହକରଙ୍କଠାରୁ 'ସାହିତ୍ୟାୟନ' ଦାବି କରି ମାଗିନେବାକୁ ପରାମର୍ଶ ଦିଆଯାଇଛି। 'ସାହିତ୍ୟାୟନ' ସହ ସେଦିନର 'ଧରିତ୍ରୀ' ମୂଲ୍ୟ ଟ.୫/– ବୋଲି ମଧ୍ୟ ଉଲ୍ଲେଖ ରହୁଛି। ମାସକୁ ଦୁଇଥର 'ସାହିତ୍ୟାୟନ' ଗୋଟେ ଛାଡ଼ି ଗୋଟେ ବୁଧବାର ପ୍ରକାଶ ପାଉଛି। **– ସାହିତ୍ୟାୟନ**

* 'ସାହିତ୍ୟାୟନ'ର ଜୁଲାଇ ୨୫ ପ୍ରଚ୍ଛଦ ଦେଖି ମନେପଡ଼ିଲା– 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଲାଗି ଦେବତା ନର।' 'ପ୍ରଥମ ବହି'ରେ ମୃଣାଳବାବୁ ବହିର ପ୍ରଚ୍ଛଦରେ ଫାଶୀ ଦଉଡ଼ି ଓ ପ୍ରଜାପତି କାହିଁକି ଦେଲେ ବୁଝି ହେଲାନି। 'ଓଡ଼ିଆ ଭାଷା ଓ ପରିଭାଷା'ର ଧନୀ ସ୍ୱର୍ଗତ ଧନେଶ୍ୱର ବାବୁ ଓଡ଼ିଆ ସାହିତ୍ୟର ଜଣେ ଅମୂଲ୍ୟ ସମ୍ପଦ। ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ସାହିତ୍ୟ ଜଣେ ପ୍ରଖ୍ୟାତ ବିଦ୍ୱାନ୍‌ଙ୍କୁ ହରାଇଲା। ଷ୍ଟାର କଳାକାର ହେବା ଲାଗି ବବ୍‌ଲୁ ପରି ଅନେକ ସ୍ୱପ୍ନ ଦେଖନ୍ତି, ଯାହା ଦିବାସ୍ୱପ୍ନ ଛଡ଼ା ଆଉ କିଛି ନୁହେଁ। 'ସ୍ମରଣୀୟ'ରେ ଅବିସ୍ମରଣୀୟ ରମେଶବାବୁଙ୍କ ଗଳ୍ପ 'ସଂଗ ସୁଖ' ଗୋଟିଏ ମନର ସୂକ୍ଷ୍ମ ଅପରେଶନ କହିଲେ ଅତ୍ୟୁକ୍ତି ହେବନି। ସୂର୍ଯ୍ୟମୁଖୀ, ପାପୋଛ ଓ ଡାଳିମ୍ବ ଚିହ୍ନର ନିର୍ବାଚନ ବ୍ୟାପାରକୁ ବିଦ୍ୟୁତ୍ ପ୍ରଭା ଦେବୀ ବଡ଼ ସନ୍ତର୍ପଣର ସହ ସମ୍ପାଦନ କରିଛନ୍ତି। ଏଥର କବିତାଗୁଡ଼ିକ ବେଶ୍ ଭାବଗର୍ଭକ ଓ ଆକାଶରୁ ପଡୁଥିବା କୁଆପଥର ପରି ଶୁଭ୍ର ଏବଂ ଶୀତଳ– ଯାହା ହୃଦୟକୁ ଆରାମ ଦିଏ। 'ନନ୍ଦନକାନନ ପତ୍ରିକା'ରେ ନିଜକୁ ଲେଖିକା ଭାବରେ ଆବିଷ୍କାର କରିଥିବା ମୀରା ସନ୍ତୋଷୀଙ୍କୁ ଅନେକ ଅଭିନନ୍ଦନ। ଏଥରର 'ପୁସ୍ତକ ପରିଚୟ' ପୁସ୍ତକର ଏକ ଭଲ କଲେକ୍ସନ କହିଲେ ଅତ୍ୟୁକ୍ତି ହେବ ନାହିଁ।

*– ସୁସ୍ମିତା ପୁରୋହିତ, ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର*

---

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**


ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

**ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ୨୫ ଡିସେମ୍ବର ୧୯୨୪ରେ, ବ୍ରିଟିଶ୍ ଶାସିତ ଗ୍ୱାଲିୟର ଷ୍ଟେଟ୍ (ବର୍ତ୍ତମାନ ମଧ୍ୟପ୍ରଦେଶ)ର ମୋରେନାରେ। ମାଆ କ୍ରିଷ୍ଣା ଦେବୀ ଓ ବାପା କ୍ରିଷ୍ଣ ବିହାରୀ ବାଜପେୟୀ (କବି ଓ ସ୍କୁଲ୍ ଶିକ୍ଷକ)। ଜେଜେ ବାପା ପଣ୍ଡିତ ଶ୍ୟାମଲାଲ ବାଜପେୟୀଙ୍କ ସମୟରୁ ଅଟଳଙ୍କ ପରିବାର ମୂଳ ବାସସ୍ଥାନ ଉତ୍ତରପ୍ରଦେଶର ବଟେଶ୍ୱରରୁ ଉଠିଯାଇ ମୋରେନାରେ ସ୍ଥାୟୀ ଭାବେ ବସବାସ କରିଥିଲେ। ଗ୍ୱାଲିୟରର ଗୋର୍ଖି ସରସ୍ୱତୀ ଶିଶୁ ମନ୍ଦିରରୁ ସ୍କୁଲ୍ ଶିକ୍ଷା ଆରମ୍ଭ କରିଥିବା ଅଟଳ ଦେଶ ବିଭାଜନ ଜନିତ ଦଙ୍ଗା ଯୋଗୁ ଆଇନ ପଢୁପଢୁ ଅଧାରୁ ପାଠ ଛାଡ଼ିଥିଲେ...**

# କଲମର ଯାଦୁକର





କିମ୍ବଦନ୍ତୀ ପ୍ରତିମ ଏହି ଜନନେତା ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ସାଂସଦ ଥିଲେ। ଦୁଇଥର ରାଜ୍ୟ ସଭାକୁ ମନୋନୀତ ଓ ଦଶଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ତିନି ତିନି ଥର ଭାରତର ପ୍ରଧାନମନ୍ତ୍ରୀ ଆସନ ଅଳଂକୃତ କରିଥିଲେ (୧୯୯୬ରେ ୧୩ ଦିନ, ୧୯୯୮–୯୯ରେ ୧୧ମାସ ଓ ୧୯୯୯–୨୦୦୪ ପୂର୍ଣ୍ଣ ଅବଧି)। ଏକ ମହତ୍ତର ପରିପୂର୍ଣ୍ଣ ଜୀବନ ବଞ୍ଚି ୯୪ ବର୍ଷ ବୟସରେ, ଗତ ୧୬ ଅଗଷ୍ଟରେ ପରଲୋକ ଗମନ କରିଥିବା ବାଜପେୟୀ ଥିଲେ ଏପରି ଜଣେ କବି ଓ ଲେଖକ, ଯାହାଙ୍କ ସମାନ୍ତରାଳ ତାଙ୍କ ସମକାଳରେ କ୍ୱଚିତ୍ ସୁଲଭ। ଭାରତ, ଭାରତୀୟତା ଓ ଭାରତୀୟ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ୧୯୯୨ରେ ତାଙ୍କୁ ମିଳିଥିଲା ଦେଶର ଗୌରବାବହ ବେସାମରିକ ସମ୍ମାନ 'ପଦ୍ମବିଭୂଷଣ' ଓ ୨୦୧୪ରେ ମିଳିଥିଲା 'ଭାରତରତ୍ନ'। ୨୦୧୪ ଡିସେମ୍ବର ୨୫ରୁ 'ସୁଶାସନ ଦିବସ' ଭାବେ ଚିହ୍ନିତ ତାଙ୍କ ଜନ୍ମଦିନ। ହେଉ ପୋଖରାନ୍‌ର ପରମାଣୁ ବିସ୍ଫୋରଣ କି ହେଉ କାର୍ଗିଲ୍ ଯୁଦ୍ଧ, ହେଉ ସଡ଼କ ପଥରେ ଦେଶ ଯୋଡ଼ିବା କି ନଦନଦୀ ଯୋଡ଼ିବା ସବୁଥିରେ ଥିଲେ ସେ ଦୂରଦର୍ଶୀ ନିର୍ଣ୍ଣାୟକ।

ଝଞ୍ଜାକ୍ଷୁବ୍‌ଧ ରାଜନୀତିରେ ସାରାଜୀବନ ଧନ୍ଦିହେବା ସତ୍ତ୍ୱେ ଭାରତୀୟ ସାହିତ୍ୟ ତାଙ୍କଠୁଁ ଆଦାୟ କରିନେଇଥିଲା ବହୁ କାଳଜୟୀ କୃତି, ଯହିଁରେ କାଳକାଳକୁ ଖୋଦିତ ହୋଇ ରହିଛି ତାଙ୍କ ନିଷ୍କପଟ ବ୍ୟକ୍ତିତ୍ୱ ଓ ଦିଶାଭେଦୀ କବିତ୍ୱ। ପ୍ରଖର ରାଜନେତା, ଯୁଗାନ୍ତକାରୀ କବି, ଅଭୀକ ପତ୍ରକାର ଓ ଓଜସ୍ୱିନୀ ବକ୍ତା ବାଜପେୟୀଙ୍କ ଲିଖିତ ଏକାଧିକ ପୁସ୍ତକ ମଧ୍ୟରୁ ପ୍ରମୁଖ କେତୋଟି ହେଲା– 'ମେରି ସଂସଦୀୟ ଯାତ୍ରା' (୪ ଖଣ୍ଡ), 'ମେରି ଇକ୍ୟାବନ କବିତାୟେଁ', 'ସଂକଳ୍ପ କାଳ', 'ମୃତ୍ୟୁ ୟା ହତ୍ୟା', 'ଅମର ବଳିଦାନ', 'କୈଦୀ କବିରାଜ୍ କୀ କୁଣ୍ଡଳିୟାଁ' (ଜରୁରୀକାଳରେ ଜେଲ୍‌ରେ ଲିଖିତ କବିତା), 'Four Decades in Parliament' (ତିନି ଖଣ୍ଡ: ବକ୍ତୃତା–୧୯୫୭–୯୫),'New Dimensions of India's Foreign Policy' (ବକ୍ତୃତା–୧୯୭୭–୭୯), 'ଜନସଂଘ ଔର୍ ମୁସଲମାନ', 'ସଂସଦ ମେଁ ତିନ୍ ଦଶକ' (ତିନି ଖଣ୍ଡ: ପ୍ରଦତ୍ତ ବକ୍ତବ୍ୟ: ୧୯୫୭–୯୨), 'ଅମର ଆଗ୍ ହୈ' (କବିତା: ୧୯୯୪), 'କ୍ୟା ଖୋୟା କ୍ୟା ପାୟା', 'କୁଛ୍ ଲେଖ୍ କୁଛ୍ ଭାଷଣ୍', 'ବିଚାର–ବିନ୍ଦୁ', 'ଗଠବନ୍ଧନକୀ ରାଜନୀତି', 'ନୟୀ ଚୁନୌତି: ନୟା ଅବସର', 'ନ ଦୈନମ୍ ନ ପଳାୟନମ୍'। ଦେଶଭାବନା ସହ ଜଡ଼ିତ 'ରାଷ୍ଟ୍ରଧର୍ମ', 'ପଞ୍ଚଜନ୍ୟ' ଓ 'ବୀର ଅର୍ଜୁନ' ଭଳି ପତ୍ରିକାର ସେ ଥିଲେ ସ୍ମରଣୀୟ ସମ୍ପାଦକ।ବାଜପେୟୀଙ୍କ କବିତା ଥିଲା ସ୍ଫୁଲିଙ୍ଗରେ ଭରା, ପ୍ରେରଣାଦାୟୀ ଓ ବିତା–ଜୀବନର ଅଭୁଲା ଦସ୍ତାବିଜ୍।

ଅଟଳଙ୍କ କବିତାର ସ୍ପୃହଣୀୟ ଆକଳନ ଯଦିଓ ଏଯାଏ କ୍ୱଚିତ୍ ହୋଇଛି, କିନ୍ତୁ ହିନ୍ଦୀ କବିତାର କବି ସଭାରେ ଯିଏ ତାଙ୍କୁ ଶୁଣିଛି, ତା' ହୃଦୟରେ ବିଦ୍ଧ ହୋଇଛି ତାଙ୍କ କବିତାର ଅମୋଘ ଶେଳ। ତାଙ୍କ ଅବର୍ତ୍ତମାନରେ ଆମେ ଆଜି ମନେପକାଇବା ତାଙ୍କ କବିତାର କେତେକ ଅମର ପଙ୍‌କ୍ତି–

୧–''ବାଧାଏଁ ଆତୀ ହୈ ଆଏଁ
ଘିରେ ପ୍ରଳୟ କୀ ଘୋର୍ ଘଟାଏଁ







ପାଉଁ କେ ନୀଚେ ଅଁଗାରେ,
ସିର୍ ପର, ବର୍‌ସେଁ ଯଦି ଜ୍ୱାଲାଏଁ
ନିଜ ହାଥୋଁ ମେଁ ହଁସତେ–ହଁସତେ,
ଆଗ ଲଗାକର ଜଲନା ହୋଗା,
କଦମ୍ ମିଲାକର ଚଲ୍‌ନା ହୋଗା।''
(କଦମ୍ ମିଲାକର ଚଲ୍‌ନା ହୋଗା)

୨– ''ସୂର୍ଯ ତୋ ଫିର୍ ଭୀ ଉଗେଗା
ଧୁପ୍ ତୋ ଫିର୍‌ଭୀ ଖିଲେଗୀ
ଲେକିନ୍ ମେରୀ  ବଗୀଚୀ କୀ
ହରୀ–ହରୀ ଦୁବ୍ ପର୍
ଓସ୍ କୀ ବୁନ୍ଦ୍
ହର୍ ମୌସମ୍ ମେଁ ନହୀଁ ମିଲେଗୀ''
(ହରୀ ହରୀ ଦୁବ୍ ପର)

## କିଏ କୌରବ, ପାଣ୍ଡବ କିଏ!

କିଏ କୌରବ
ପାଣ୍ଡବ କିଏ!
ବଡ଼ ଟେଢ଼ା ପ୍ରଶ୍ନ ଏ...

ଦିହିଁଙ୍କ ଆଡ଼େ
ଖେଳି ରହିଚି
ଶକୁନି ଫିଙ୍ଗା କୂଟଜାଲ
ଏଇ ହାଲ୍...

ଧର୍ମରାଜ ଛାଡ଼ିନାହିଁ
ହାତରୁ ଜୁଆ–କାଠି
ହଟହଟା ପାଁଚାଳୀ
ପଞ୍ଚାୟତରେ, ସବୁଠିଁ।

ମହାଭାରତ, ଆଜି
ବିନା କୃଷ୍ଣରେ...
କିଏ ରାଜ୍ କରେ
ରଙ୍କ ତ କାନ୍ଦି ମରେ!!

୩– ''ଖୁନ୍ କ୍ୟୋଁ ସଫେଦ୍ ହୋ ଗୟା
ଭେଦ୍ ମେଁ ଅଭେଦ୍ ଖୋ ଗୟା
ବଁଟ୍ ଗୟେ ଶହୀଦ୍, ଗୀତ୍ କଟ୍ ଗଏ
କଲେଜେ ମେଁ କଟାର୍ ଦଡ୍ ଗୟି
ଦୁଧ୍ ମେଁ ଦରାର୍ ପଡ୍ ଗୟି।''
(ଦୁଧ ମେଁ ଦରାର୍ ପଡ୍ ଗୟି)

୪–''କ୍ଷମା କରୋ ବାପୁ! ତୁମ ହମ୍‌କୋ
ବଚନ ଭଂଗ୍ କେ ହମ୍ ଅପରାଧୀ
ରାଜଘାଟ କୋ କିୟା ଅପାବନ
ମଁଜିଲ ଭୁଲେ, ଯାତ୍ରା ଆଧୀ।''

ଜୟ ପ୍ରକାଶ ଜୀ! ରଖୋ ଭରୋସା,
ଟୁଟେ ସପନୋଁ କୋ ଜୋଡେଁଗେ।
ଚିତାଭସ୍ମ କୀ ଚିଁଗାରୀ ସେ
ଅଂଧକାର କେ ଗଢ୍ ତୋଡ଼େଙ୍ଗେ।''
(କ୍ଷମା ଯାଚନା)

''ଉଜିୟାରେ ମେଁ, ଅଂଧକାର ମେଁ
କଲ୍ କହାର ମେଁ, ବୀଚ୍ ଧାରମେଁ
ଘୋର ଘୃଣା ମେଁ, ପୂତ ପ୍ୟାର୍ ମେଁ,
କ୍ଷଣିକ ଜିତ୍ ମେଁ, ଦୀର୍ଘ ହାର୍ ମେଁ,
ଜୀବନ କେ ଶତ–ଶତ ଆକର୍ଷକ
ଅର୍‌ମାନୋଁ କୋ ଢଲ୍‌ନା ହୋଗା,
କଦମ୍ ମିଲାକର୍ ଚଲ୍‌ନା ହୋଗା।''
(କଦମ୍ ମିଲାକର ଚଲ୍‌ନା ହୋଗା)

ଏହିପରି ଉଦ୍ଧାର କରି ବସିଲେ ବାଜପେୟୀଙ୍କ ପ୍ରାୟ କବିତାର ପ୍ରାୟ ପଙ୍‌କ୍ତି ହେବ ଉଦ୍ଧୃତିଯୋଗ୍ୟ। ଯେ କୌଣସି ପ୍ରସଙ୍ଗକୁ ନେଇ ସେ କବିତା ଲେଖନ୍ତୁ ନା କାହିଁକି, ପଢ଼ିଲା ମାତ୍ରେ ତହିଁରେ ନିମଜ୍ଜିତ ହୋଇଯିବାକୁ ବିବଶ ହୁଏ ପାଠକ। ଯେଉଁ କବିତା ନିରାଶାରେ ଆଶାର କିରଣ ହେବାର ସାମର୍ଥ୍ୟ ରଖେ, ଲୋକଙ୍କ ସାଙ୍ଗେ ବାଟ ଚାଲିବାର ପ୍ରେରଣା ହୁଏ ଓ ଦିନକୁ ଶହେ ମରଣ ମରୁଥିବା ମଣିଷକୁ ଜିଇବାର କଳା ଶିଖାଏ, ନିଃସଂଶୟ ଭାବେ ତାହା ହିଁ ଅଟଳଙ୍କ କବିତା। ସେ ଥିଲେ କଲମର ଯାଦୁକର, ସମୟର ମହାସ୍ୱାକ୍ଷର।

ଅଟଳଜୀ ଥରେ କହିଥିଲେ– ''ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖେ, ଯାହା ଧନଧାନ୍ୟରେ ଭରା, ଶକ୍ତିଶାଳୀ ଓ ଦାୟିତ୍ୱବାନ୍, ମହାନ୍ ଦେଶଙ୍କ ଗହଣରେ ଯେଉଁଦେଶ ସସମ୍ମାନେ ପୁନଃ ଆସୀନ।'' ଭୋକ ଓ ଭୟ ମୁକ୍ତ, ଅଶିକ୍ଷା ଓ ଅଭାବ ମୁକ୍ତ ଭାରତର ସ୍ୱପ୍ନ ଦେଖୁଥିବା ଏହି ରାଷ୍ଟ୍ରପୁରୁଷଙ୍କ ତିରୋଧାନରେ ଆଜି ତାଙ୍କୁ କୋଟି ପ୍ରଣିପାତ!!

ପ୍ରସ୍ତୁତି: **ଡ. ହୃଷୀକେଶ ମଲ୍ଲିକ**

# କଳଗାଉଣା



*ହମ୍ ତୋ ବେନାମ ଇରାଦୋଁ କେ ମୁସାଫିର୍ ହେଁ ୟସୀମ*
*କୁଛ୍ ପତା ହୋ ତୋ ବତାଏଁ କୀ କିଧର ଜାତେ ହେଁ।*

ସତରେ ପରଦେଶୀ ପାଇଁ ସବୁ ରାସ୍ତା ତ ନୂଆନୂଆ। ସବୁ ଇଲାକା/ଇମାରତ୍ ଆକର୍ଷଣୀୟ, ସବୁ ଗାଁ/ସହର ତା'ପାଇଁ ବର୍ଣ୍ଣାଢ଼୍ୟ। ମିତ ବସିବାକୁ ମନ କହେ ସବୁ ଅପରିଚିତ ଅଥଚ ଆନ୍ତରିକତାରେ ଜୁଡୁବୁଡୁ ଅର୍ଗଳି ସହ। ହେଲେ ତା'ର ପଥ ଥାଏ ଅନିର୍ଦ୍ଦିଷ୍ଟ-ଅସୀମ-ଅଦୃଶ୍ୟ।

ଯେମିତି ନଳିନୀଦେବୀ ଆସିଥିଲେ ଏ ସହରକୁ ପଚିଶବର୍ଷ ତଳେ ଏକ କୌତୂହଳୀ କିଶୋରୀର ମନ ନେଇ। ସେତେବେଳେ ଏ ସହର ଥିଲା ଖୁବ୍ ଛୋଟ। ଏବେ ବି ଜନସଂଖ୍ୟା ବୃଦ୍ଧି ଛଡ଼ା ସେମିତି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଯାହା ହେଇଚି ସାଇବର୍ କାଫେଟେରିଆ, ଏସ୍‌ଟିଡି ବୁଥ୍, ଫଟୋକପି, ବିଉଟିପାର୍ଲର, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍, ଲଜିଂ, ରେଡିମେଡ୍ ଗାର୍ମେଣ୍ଟସ୍, କସ୍‌ମେଟିକ୍ସ ଦୋକାନ ନୂଆ ନୂଆରେ ଗଢ଼ି ଉଠିଛି। ବସ୍‌ଷ୍ଟାଣ୍ଡରେ କିଛି କିଛି ଟ୍ରେକର, ମହିନ୍ଦ୍ରା, ମାଟାଡୋର୍‌ର ଚଳପ୍ରଚଳ ହେଉଛି ନିକଟସ୍ଥ ଗାଁ ଗହଳିରୁ। ବାସ୍! ଏହାକୁ କ'ଣ ଆଧୁନିକତାର ରଙ୍ଗରେ ରଙ୍ଗାୟିତ ବୋଲି କୁହାଯାଇ ପାରିବ ?

ନଳିନୀଦେବୀ ଏଠିକା ବେସରକାରୀ କଲେଜର ଅଧ୍ୟକ୍ଷା। ସେ ପଚିଶବର୍ଷ ତଳେ ଏକା ହିଁ ଆସିଥିଲେ ଏଇଠିକି। ସେ ଖୁବ୍ କଡ଼ା ମିଜାଜ୍‌ର ସ୍ତ୍ରୀଲୋକ ବୋଲି ସଭିଏଁ ତାଙ୍କୁ ଡରନ୍ତି। କଲେଜ ଷ୍ଟାଫ୍‌ଠୁଁ ଆରମ୍ଭ କରି ବ୍ୟାଙ୍କ୍, ବଜାର, ହସ୍ପିଟାଲ, ସରକାରୀ ଅଫିସ୍-ସବୁଠିଁ ତାଙ୍କ ପାଇଁ ନିଆରା ସମ୍ମାନ। ଭିନ୍ନ ପରିଚୟ। ସେ ଦୁର୍ନୀତିର ବଳୟକୁ କେବେ ବି ସ୍ପର୍ଶ କରିନାହାନ୍ତି। ବରଂ ଦୁର୍ନୀତିର ବଳୟକୁ ଠାବ କରି ତା'କୁ ତଣ୍ଟି ଚିପି ହତ୍ୟା କରିଛନ୍ତି। ଦୋଷୀକୁ ଦେଇଛନ୍ତି ଉପଯୁକ୍ତ ଦଣ୍ଡ। ସମସ୍ତେ କହନ୍ତି ତାଙ୍କୁ କାଉଁରିଆ କାଠି। ଭାଙ୍ଗିଯିବେ ସିନା ନଇଁବେନି କେବେ।

ଆଜି ବି ପଚିଶ ବର୍ଷ ପରେ ନଳିନୀଦେବୀ ଏକା। ଚିରକୁମାରୀ। ଅବିବାହିତା ଅନୂଢ଼ା କିଶୋରୀରୁ ପଚାଶ ବର୍ଷ ବୟସର ବୃଦ୍ଧା। ତଥାପି ମୁଖମଣ୍ଡଳ ଆକର୍ଷଣୀୟ/ରମଣୀୟ। ଯେ କେହି ଦେଖିଲେ ଏବେ ବି ପ୍ରେମରେ ପଡ଼ିଯିବ। ମୁଣ୍ଡର କେଶ କେଇଟି ଯାହା ଧଳା ପଡ଼ିଯାଇଛି। ତାହା ବି ଡାଇ ଦ୍ୱାରା କଳା କରିଦିଆଯାଏ ମାସକୁ ଥରେ ଦୁଇଥର।

ନଳିନୀଦେବୀ ଦେଖିବାକୁ ଖୁବ୍ ସ୍ୱାସ୍ଥ୍ୟବତୀ, ଗୌରବର୍ଣ୍ଣା। ମୁଖମଣ୍ଡଳ ଗୋଲ, ଛୋଟ ନାକ, ନାଲି ଓଠ, ସୁନ୍ଦର ଚିବୁକ, ନୀଳନଭର ଆଖି, ଘଞ୍ଚ ଦୀର୍ଘ କେଶ। ଏସବୁ ମିଶି ନଳିନୀଦେବୀଙ୍କୁ ଏକ ଅନିନ୍ଦ୍ୟ ସୁନ୍ଦରୀ ଆଖ୍ୟା ଦେବା ଜମା ଅସମୀଚୀନ ହେବ ନାହିଁ।

ହେଲେ ମନରେ ପ୍ରଶ୍ନ ଉଠେ ଏ ସହରର ସମସ୍ତଙ୍କର। ଏଇ କନକପ୍ରତିମା ଯତି ମନୋହରା ତରୁଣୀ ବୟସରେ ଅନେକ ଭ୍ରମରକୁ ବାଟବଣା ନିଶ୍ଚୟ କରିଥିବେ ତ! ଅନେକ ଶିକାରୀ ଆସିଥିବେ ଶିକାର ପାଇଁ। ପକ୍ଷୀ ଶିକାର। ହୁଏତ ଗୁଳି ଫୁଟି ନ ଥିବ କିମ୍ବା ଶିକାରୀର ଟାର୍ଗେଟ୍‌ରୁ ଶିକାର ଖସି ଯାଇଥିବ କିମ୍ବା ଶିକାର ହୋଇସାରି ପକ୍ଷୀଟି ପୁଣି ଜୀବନ୍ୟାସ ପାଇ ପୂର୍ବବତ୍ ଉଡ଼ି ବୁଲିଥିବ କିଛି ନ ହେଲା ଭଳି।

କିନ୍ତୁ କୌଣସି ବାଟବଣା ବାଟୋଇ କେମିତି ତାଙ୍କ କାମନାର ନାଗଫାଶରେ ବନ୍ଦୀ ହୋଇ ବରଣମାଳା ଦେଇନାହିଁ ବା ଅପୂର୍ବ ପ୍ରେମର ପାରାବାରରେ ଡୁବିଡୁବି ପାଣି ପିଇ ଆକ୍ତାମାକ୍ତା ହୋଇ ବିରହର ବଂଶୀ ମୂର୍ଚ୍ଛନା ପାଲଟି ଯାଇନାହିଁ- କିଏ କହିବ ସେ ରହସ୍ୟ !

ନଳିନୀଦେବୀ ଯାହା କହନ୍ତି- ସେ ଥିଲେ ତାଙ୍କ ପରିବାରର ବଡ଼ ଝିଅ। ସେମାନେ ପାଞ୍ଚ ଭଉଣୀ। ବାପା ଥିଲେ ହସ୍ପିଟାଲ କମ୍ପାଉଣ୍ଡର। ତାଙ୍କରି ସ୍ୱଳ୍ପ ଦରମାରେ ଘର ଚଳିବା ମୁସ୍କିଲ ଥିଲା। ସେ ପିଲାଦିନୁ ପରିଶ୍ରମୀ ଆଉ ଉଚ୍ଚାକାଂକ୍ଷୀ। ତେଣୁ ଏମ୍.ଏ., ଏମ୍.ଇଡି. ପରେ ଚାକିରି ପାଇଗଲେ ଏକ ବେସରକାରୀ କଲେଜରେ। ବାପା ଅବସର ଗ୍ରହଣ କଲେ। ବୋଉ ଥିଲା ଆଜ୍‌ମା ରୋଗୀ। ବାପାଙ୍କର ଥିଲା ହାର୍ଟ ପ୍ରୋବ୍ଲେମ୍।

ସବୁବେଳେ ମେଡିସିନ୍ ଖର୍ଚ୍ଚ, ଭଉଣୀମାନଙ୍କ ପଢ଼ାଖର୍ଚ୍ଚ ପରେପରେ ବାହାଘର ଜଣକ ପରେ ଜଣକର। ଏମିତି ଏମିତି ଜୀବନର ପଚିଶ ବର୍ଷ ବିତିଗଲା, ଜମା ଜଣାପଡ଼ିଲାନି।

ଏଇ ଦଶବର୍ଷ ତଳେ ବାପା-ବୋଉ ବି ତାକୁ ଏକା ଛାଡ଼ିଦେଇ ହାତ ଧରାଧରି ହୋଇ ଏକାଦିନରେ ଚାଲିଗଲେ ସେପାରିକୁ। ଭଉଣୀମାନେ ସେମାନଙ୍କର ସ୍ୱାମୀ, ଛୁଆ, ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର ମେଳରେ ବେଶ୍ ଖୁସିରେ ଅଛନ୍ତି। କେବେ କେମିତି ମନେପଡ଼ିଲେ ଫୋନ୍‌ଟିଏ କରନ୍ତି। ତା' ପୁଣି ସାବିତ୍ରୀ, ରଜ, ଦଶହରା, କୁମାରପୂର୍ଣ୍ଣିମା, ଦୀପାବଳି ପୂର୍ବରୁ। ପାଇବାର ଆଶା ବେଶୀ ଥାଏ ମନରେ।

- ଅପା, କେମିତି ଅଛୁ ?
- ଭଲ। ଆଉ ତୁମେମାନେ କେମିତି ଅଛରେ ?
- ବହୁତ ଭଲ। ଏଇ ତ ତୁମ ଭିଣୋଇ କାର୍ କିଣିଲେ। ମୁନା ସ୍କୁଲ୍ ଯିବ। ଭାରି ଦୁଷ୍ଟ ହେଉଛି। ଦେଖୁନୁ କେମିତି ଫୋନ୍ ଛଡ଼ଉଛି। ରଖୁଛି। ହଁ ହଁ ପ୍ରଥମାଷ୍ଟମୀକୁ ମୁନା ପାଇଁ ଡ୍ରେସ୍ ପଠେଇବୁ। ଭୁଲିବୁନି ଜମା। ମୋ' ପାଇଁ ଶାଢ଼ି ବି।

ପୁଣି କେବେ ଅନ୍ୟ କୋଉ ଭଉଣୀର ଫୋନ୍।

- ଅପା କେମିତି ଅଛୁ ?
- ଭଲ। ତୁମେମାନେ ସବୁ ଭଲ ଅଛ ତ ?
- ଖୁବ୍ ଭଲ। ତୁମ ଭିଣୋଇ ନୂଆ ବାଇକ୍ କିଣିଲେ। ଲୀନା ସ୍କୁଲ୍‌କୁ ଯାଉଛି। ଭାରି କ୍ୟୁଟ୍ ହୋଇଛି। ମୋ' ଶାଢ଼ି ଟାଣୁଛି। ରହୁଛି। ହଁ ହଁ, ତା' ଜନ୍ମଦିନ ପାଇଁ ଡ୍ରେସ୍ ଓ ମୋ' ପାଇଁ ଶାଢ଼ି ପଠାଇବାକୁ ଭୁଲିବୁନି।

ପୁଣି କେବେ ଅନ୍ୟ କେଉଁ ଭଉଣୀର ଫୋନ୍।

- ଅପା କେମିତି ଅଛୁ ?
- ଭଲ। ତୁମେମାନେ କେମିତି ଅଛରେ ?
- ବଢ଼ିଆ। ଫାଷ୍ଟ କ୍ଲାସ୍। ଆମେ ସବୁ ମିଶି କୁଲୁ-ମନାଲୀ ଯାଇଥିଲୁ। ଭାରି ମଜା ହେଲା ନା, ଲିଟୁ ତ ରବର କଣ୍ଢେଇଟିଏ ଯେମିତି। ସେପଟୁ ବିମୁଗ୍ଧ ହସର ଲହରି। ପ୍ରତ୍ୟେକଥର ଫୋନ୍‌ରେ କଥାବାର୍ତ୍ତାବେଳେ ନଳିନୀଦେବୀଙ୍କର ଦେହରେ ନିଆଁ ଲାଗିଯାଏ। ସେ ଅନ୍ତର୍ଦାହର ଅଗ୍ନିକୁଣ୍ଡରେ ହୁତୁହୁତୁ ହୋଇ ଜଳନ୍ତି। ସେ ଅପ୍ରାପ୍ତିର ଜ୍ୱାଳା ବଡ଼ କଷ୍ଟଦିଏ। ସେ ଲହୁଲୁହାଣ ହୁଅନ୍ତି। ହୃଦୟରୁ ରକ୍ତ ଝରେ ଟପ୍‌ଟପ୍।

ରାତି ନଅ/ଦଶ ହେଲେ ବି ବାଥ୍‌ରୁମ୍ ଯାଇ ବିବସନା ହୋଇ ସାୱାର ତଳେ ଘଣ୍ଟାଏ/ଦି' ଘଣ୍ଟା ବସି ପୋଛାପୋଛି ହୋଇ ଆସନ୍ତି। ଶୋଇଯିବାକୁ ଉପକ୍ରମ କରନ୍ତି ସିନା ନିଦ ହୁଏନା। ଟିଭି ଅନ୍ କରନ୍ତି। କିଛି ଭଲ ଲାଗେନା। ବନ୍ଦ କରିଦିଅନ୍ତି। କାରଣ ଟିଭିରେ ସେଇ ଶଙ୍ଖା-ସିନ୍ଦୂର-ତେଲ ଲୁଣ ସଂସାରର ମାନଚିତ୍ର। ପରିବାରର ମିଠାମିଠା ଖୁସ୍‌ବୁ। ପ୍ରେମର ମଦହୋସ୍। କୋଳାହଳ, ହସ-ଖୁସିର ମେହେଫିଲ୍। ବିରକ୍ତିରେ ବାଳ ଟାଣନ୍ତି ତ ଅମୃତାଞ୍ଜନ ମୁଣ୍ଡରେ/ଆଖିପତାରେ ମାଲିସ୍ କରନ୍ତି। ଆଖି ପୋଡ଼େ। ପୁଣି ମୁହଁ ଧୁଅନ୍ତି। ତଉଲିଆରେ ପୋଛନ୍ତି ରଗଡ଼ି ରଗଡ଼ି। ତଥାପି ସମୟ ସରେନା ଜମା। ରାତି ପାହେନା କି ସକାଳର ସୂର୍ଯ୍ୟ ପୃଥିବୀକୁ ସ୍ୱାଗତ କରେନା। ଦୁଃଖର ରାତି ତ ସବୁବେଳେ ଦୀର୍ଘ। ସୁଖର ରାତି ତ ଘଡ଼ିଏ।

ବୋଉ ଲଗେଇଥିଲା ବାହା ହୋଇଯିବା ପାଇଁ। ହେଲେ ସେ ସ୍ୱାର୍ଥପର ହୋଇ ପାରିଲାନି।

ଆଜିକାଲି ତ ସ୍ୱାର୍ଥପର ହେବା ଏକ ଆର୍ଟ। ଆଉ ସବୁ ଝିଅ ପ୍ରାୟ ଏଇ ଆର୍ଟରେ ନିପୁଣା ଆର୍ଟିଷ୍ଟ। ବାହା ହେବାର ପରଦିନ ହିଁ ସ୍ୱାମୀଟିକୁ ନିଜ ପଣତକାନିରେ ଗଣ୍ଠି ପକାଇଦେବା ସେମାନଙ୍କର ବିରାଟ ସଫଳତା ଓ ସଉକ। ସର୍କସ୍‌ର ରିଂ ମାଷ୍ଟର ବନିଯାଇ ଝିଅମାନେ ଇସାରାରେ ନଚାନ୍ତି ସ୍ୱାମୀରୂପକ ଭାଲୁକୁ-ତାଥେଇ... ତାଥେଇ... ତାଥେଇ...।

ମନେ କରାଯାଉ ନଳିନୀଦେବୀ ବାହା ହୋଇ ସୁଖରେ ଘରସଂସାର କରିଥାନ୍ତେ ନିଜ ସ୍ୱାମୀ ଓ ପିଲାମାନଙ୍କ ସହ। କିନ୍ତୁ ତାଙ୍କ ଭଉଣୀମାନଙ୍କର ଅବସ୍ଥା କ'ଣ ହୋଇଥା'ନ୍ତା ସେ କଳ୍ପନାରେ ସୁଦ୍ଧା ଭାବିଲେ ଆଜି ବି ଭୟରେ ଶିହରି ଉଠନ୍ତି।

ଏ ସ୍ୱାର୍ଥସର୍ବସ୍ୱ ଦୁନିଆରେ କିଏ କାହିଁକି ବିନା ମତଲବରେ, ଅନ୍ୟକୁ ସାହାଯ୍ୟ କରିବ ? ନଳିନୀଦେବୀ ନିଜ ପୁଷ୍ପିତ ଯୌବନକୁ ଜୀବନକାଳରେ ଜାଳିଜାଳି ଆଦର୍ଶ/ତ୍ୟାଗର ମୁଖାଟିଏ ପିନ୍ଧିଛନ୍ତି କେବଳ।

ଅମରେଶବାବୁ ଏ ସହରକୁ ଆସିଥିଲେ ବି ଏକାଏକା ସେଇ ପଚିଶବର୍ଷ ତଳେ, ଏଠିକାର ଏନ୍.ଏ.ସି.ର ଏକ୍‌ଜିକ୍ୟୁଟିଭ୍ ଅଫିସର ହୋଇ। ସେ ବିବାହିତ। ସୁଦୂର ଗାଁରେ ତାଙ୍କର ସ୍ତ୍ରୀ ଟିଚରଶିପ୍ କରନ୍ତି ନିକଟସ୍ଥ ଗର୍ଲ୍‌ସ ହାଇସ୍କୁଲରେ। ଗୋଟିଏ ପୁଅ ଆଉ ଗୋଟିଏ ଝିଅର ଜନକ ଅମରେଶବାବୁ ଖୁବ୍ ହ୍ୟାଣ୍ଡ୍‌ସମ୍। ଏବେ ବାଉନ/ତେପନ ହେବ ବୟସ। ମ୍ୟାରେଡ୍ ବ୍ୟାଚେଲର ଭାବେ ସେ ଏ ସହରରେ ସୁପରିଚିତ। ଅମରେଶବାବୁ କେବେ ବି ତାଙ୍କର ସ୍ତ୍ରୀ ଓ ପିଲାପିଲିଙ୍କୁ ଏଠିକି ଆଣିନାହାନ୍ତି।

ନଳିନୀଦେବୀ- ଅମରେଶବାବୁ ପାଖାପାଖି ଦୁଇଟି ଘରଭଡ଼ା ନେଇ ରହନ୍ତି। ନଳିନୀଦେବୀ ଅମରେଶବାବୁଙ୍କୁ ଅମର ଭାଇ ବୋଲି ସମ୍ବୋଧନ କରନ୍ତି ଓ ଅମରେଶବାବୁ ନଳିନୀଦେବୀଙ୍କୁ ନୀନା ଡାକନ୍ତି। ସକାଳେ ଓ ସଞ୍ଜରେ ଦୁହେଁ ମିଶି କଫି ପିଅନ୍ତି। ଖୁବ୍ ଡେରି ରାତିଯାଏଁ ଗଜଲ ଶୁଣନ୍ତି ଗ୍ରାମ୍‌ଫୋନ ରେକର୍ଡ ଯୋଗେ।

ନଳିନୀଦେବୀ ନିଜ ବାପାଙ୍କର ପ୍ରିୟ ଏଇ କଳଗାଉଣାଟିକୁ ନେଇ ଆସିଛନ୍ତି ନିଜ ଗାଁରୁ। ବାପାଙ୍କର ଶେଷ ସ୍ମୃତି ଭାବେ ସାଇତି ରଖିଛନ୍ତି। କଳଗାଉଣାଟିକୁ ସେ ଏତେ ସଫାସୁତୁରା ଆଉ ହେପାଜତରେ ରଖିଥାନ୍ତି ଯେ, ଯେମିତି ଏଇଟି ଏକ ନିର୍ଜୀବ ଗ୍ରାମ୍‌ଫୋନ ରେକର୍ଡ ପ୍ଲେୟାର ନୁହଁ, ବରଂ ବୃଦ୍ଧାବସ୍ଥାରେ ତାଙ୍କ ବାପା ଶଯ୍ୟାରେ ଶାୟିତ। କଳଗାଉଣା ପାଇଁ ଭେଲ୍‌ଭେଟର ଶେଯ। କାଚର ଘୋଡ଼ଣୀ। ତା' ଉପରେ ସୁନ୍ଦର ଫୁଲର ସ୍ତବକ। ଦିନକୁ ଦଶଥର ନଳିନୀଦେବୀ ନିଜ ପଣତ କାନିରେ ପୋଛିଦିଅନ୍ତି କଳଗାଉଣା ଓ ରେକର୍ଡଗୁଡ଼ିକୁ ଠିକ୍ ଅଝଟିଆ ଛୁଆକୁ ପ୍ରବୋଧନା ଦେବା ଭଳି।

ଏ ସହରରେ ସମସ୍ତେ ଜାଣନ୍ତି, ନଳିନୀଦେବୀ ଓ ଅମରେଶବାବୁ ଦୁଇଟି ଘରେ ରହିଲେ ବି ସ୍ୱାମୀ-ସ୍ତ୍ରୀ ଭଳି ଚଳନ୍ତି। ଖାଇବା- ପିଇବା- ରହିବା ଏକାଠି। ଖାଲି ଶୋଇବା ଅଲଗା। ଦୁହିଁଙ୍କର ସମ୍ପର୍କ ଦେହାତୀତ ବା ବିଦେହ ବୋଲି ସେମାନେ ଯେତେ ସଫେଇ ଦେଲେ ବି ଫ୍ରଏଡ୍‌ଙ୍କ ଥିଓରୀ ଅନୁସାରେ ଅବିଶ୍ୱାସ ମନେହୁଏ।

ଅମରେଶବାବୁଙ୍କ ସ୍ତ୍ରୀ ବି ତାଙ୍କ ସ୍ୱାମୀଙ୍କର ପରକୀୟା ପ୍ରୀତିର ସମ୍ବାଦ ଜାଣନ୍ତି। ନଳିନୀଦେବୀ ଯେ ତାଙ୍କ ସ୍ୱାମୀଙ୍କର ରକ୍ଷିତା ଏ କଥା ସାରା ସହର ଜାଣେ। ତାଙ୍କ ପୁଅଝିଅ ବି ଜାଣନ୍ତି। ଦୁଇଟି ସ୍ଥାନର ଦୂରତା ଆଠଶହ କିଲୋମିଟର ହୋଇଥିବାରୁ ଏବଂ ଅମରେଶବାବୁ ଏକ ଠକ, ପ୍ରତାରକ, ଅବିଶ୍ୱାସୀ ମଣିଷ ହୋଇଥିବାରୁ- ଏ ସମ୍ପର୍କର ସାରଙ୍ଗୀ ଆଜିଯାଏ ବାଜିଚାଲିଛି ନିର୍ବିଘ୍ନରେ। ଅମରେଶବାବୁ ନିଜ ଗାଁକୁ ପ୍ରାୟ ଯାଆନ୍ତି ନାହିଁ। ଏଇ ପଚିଶବର୍ଷ ଭିତରେ ପଚିଶଥର ଯାଇଥିବେ କି ନା ସନ୍ଦେହ।

ନଳିନୀଦେବୀ ବାହାରକୁ ଯେମିତି ଗମ୍ଭୀର ଅମରେଶବାବୁ ବି ଠିକ୍ ସେମିତି। ସେମାନେ ନିଜ ନିଜର କର୍ମସ୍ଥଳୀରେ ଅନ୍ୟ ସହକର୍ମୀ ବା ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ରଖନ୍ତି ନାହିଁ। ତେଣୁ ସେମାନଙ୍କର ସମ୍ପର୍କ ବିଷୟରେ ପଛରେ ଯିଏ ଯେତେ କହିଲେ ବି, ଆଗରେ କେହି ବି ଆଜିଯାଏଁ ପ୍ରଶ୍ନ କରିବାକୁ ସାହସ କରିନାହାନ୍ତି।

ନଳିନୀଦେବୀଙ୍କୁ ଅମରେଶବାବୁ ଖୁବ୍ ଭଲ ପାଆନ୍ତି। ତାଙ୍କର ପ୍ରେମ ସଚ୍ଚା ଓ ନିଃସ୍ୱାର୍ଥପର କୁହାଯାଇପାରେ। ନଳିନୀଦେବୀଙ୍କ ଦେହ ଖରାପ ହେଲେ ନିଜେ ଅମରେଶବାବୁ ରାତିରାତି ଅନିଦ୍ରା ରହି ସେବା କରନ୍ତି। ଡାକ୍ତର ଡାକିଆଣି ଚିକିତ୍ସା କରାନ୍ତି। ହାତ-ଗୋଡ଼- ମୁଣ୍ଡ ଚିପି ଦିଅନ୍ତି। ଖୁଆଇ ଦିଅନ୍ତି।

ହେଲେ ନଳିନୀଦେବୀ ଏଥିପାଇଁ କୃତଜ୍ଞତା ଜଣାଇବା ଦୂରେ ଥାଉ ଓଲଟି ପାଟି କରି ଅମରେଶବାବୁଙ୍କୁ ଗାଳି ଦିଅନ୍ତି। ଅଧସ୍ତନ କର୍ମଚାରୀ ଭଳି ମୁଣ୍ଡ ପୋତି ସହିନିଅନ୍ତି ସେ। ତାଙ୍କର ବନ୍ଧୁ ହିସାବରେ ସେ କେବଳ କର୍ତ୍ତବ୍ୟ କରୁଛନ୍ତି। ତା'ଛଡା ସେ ମଧ୍ୟ ଜୀବନର କିଛି ବଡ ଭାଗଫଳ ଅର୍ପଣ କରିଛନ୍ତି ଅମରେଶବାବୁଙ୍କୁ।

ଅମରେଶବାବୁଙ୍କର ଦେହ ପ୍ରାୟ ସୁସ୍ଥ ରହେ। ଦୁହେଁ କବାଟ ବନ୍ଦ କରି ହସନ୍ତି, କାନ୍ଦନ୍ତି। ବାଡ଼ିଆବାଡି ହୁଅନ୍ତି। ଫଟୋ ଉଠାନ୍ତି। ଅନେକ କାଚ ବନ୍ଧେଇ ଫଟୋକୁ ଭାଙ୍ଗନ୍ତି, ପୁଣି ବନ୍ଧେଇ କରନ୍ତି।

ସେମାନଙ୍କ ପାଇଁ ଜୀବନ ଯେମିତି ଟୁକୁଡ଼ା ଟୁକୁଡ଼ା କାଚଖଣ୍ଡ। ରକ୍ତାକ୍ତ ହେବା ପାଇଁ ସେମାନେ ବ୍ୟାକୁଳିତ। ଜଣେ ପତି-ପ୍ରେମରୁ ବଞ୍ଚିତ ତ ଆଉ ଜଣେ ଜାଣିଜାଣି ପତ୍ନୀ- ପ୍ରେମରୁ ବଞ୍ଚିତ।

ଏଥର ଗ୍ରୀଷ୍ମଛୁଟିରେ ଅମରେଶବାବୁଙ୍କୁ ଶକ୍ତ ମ୍ୟାଲେରିଆ ଜ୍ୱର ହେଲା। ନଳିନୀଦେବୀ ଝମେଲାରେ କାହିଁକି ପଡ଼ିବେ। ଟ୍ୟାକ୍ସିଟିଏ କରି ଅମରେଶବାବୁଙ୍କ ଅଫିସର ବଡ଼ବାବୁ ପ୍ରକାଶ ମିଶ୍ରଙ୍କ ସହ ତାଙ୍କ ସ୍ତ୍ରୀଙ୍କ ପାଖକୁ (ଗାଁକୁ) ପଠାଇଦେଇ ନିଶ୍ଚିନ୍ତ ହେଲେ।

ଏ ଭିତରେ ମାସେ ବିତିଲାଣି। ହେଲେ ଅମରେଶବାବୁଙ୍କର ଜ୍ୱର କମୁନାହିଁ। ନଳିନୀଦେବୀ ଥରେ ଦୁଇଥର କର୍ଟସି ଭିଜିଟ୍ କରି ଆସିଛନ୍ତି ହସ୍ପିଟାଲ ଯାଇ। କାଳେ ଅମରେଶବାବୁଙ୍କ ସ୍ତ୍ରୀ ଅଭଦ୍ରଙ୍କ ଭଳି ସେଇ ହସ୍ପିଟାଲରେ ଲଙ୍କାକାଣ୍ଡ ସୃଷ୍ଟି କରିବ, ଏଇ ଆଶଙ୍କାରେ ନଳିନୀଦେବୀ ହସ୍ପିଟାଲରେ ରହିବାକୁ ଉଚିତ ମଣିନାହାନ୍ତି।

କିନ୍ତୁ ଆଶ୍ଚର୍ଯ୍ୟର କଥା, ଅମରେଶବାବୁଙ୍କର ସ୍ତ୍ରୀ ଅନିମା ନଳିନୀଦେବୀଙ୍କୁ ସସମ୍ମାନ ନମସ୍କାର କରିଛି। କାନ୍ଦିକାନ୍ଦି ପଚାରିଛି- ''ଅପା! ୟାଙ୍କ ଜ୍ୱର କମୁନାହିଁ, କ'ଣ କରିବି ?''

ନଳିନୀଦେବୀ ଅପରାଧୀ ଭଳି- ହଁ ହଁ, ନିଶ୍ଚୟ କମିଯିବ- କମିଯିବ କହି ଝଡ଼ ବେଗରେ ଫେରି ଆସିଛନ୍ତି।

ଅମରେଶବାବୁ ଦେଖୁଛନ୍ତି ତାଙ୍କ ସ୍ତ୍ରୀ ଅନିମା ରାତିରାତି ନ ଖାଇ ନ ପିଇ ତାଙ୍କରି ସେବା କରୁଛି, ଯାହାକୁ ସେ ଏଇ ପଚିଶବର୍ଷ ଭିତରେ ଥରେ ବି ଗେହ୍ଲାରେ 'ଅନିମା' ବୋଲି ଡାକି ନାହାନ୍ତି। ଅଥଚ ଯେଉଁ ପୀଡ଼ିତା ନଳିନୀଦେବୀଙ୍କୁ ସେ ଅଖିଆ ଅପିଆ ସେବା କରିଛନ୍ତି, ସେ ଆଜି ଆଡ଼ଆଖିରେ ତାଙ୍କୁ ଚାହୁଁନାହିଁ; ତାଙ୍କୁ କିମ୍ବା ତାଙ୍କ ବେଡ୍‌କୁ ଛୁଇଁବା ତ ଦୂରର କଥା।

ପର ସବୁବେଳେ ପର। ଆଉ ଆପଣା-ଆପଣାର। ପର କେବେ ଆପଣାର ହୁଏନା।

ଅନିମାକୁ ସେ କାନ୍ଦିକାନ୍ଦି ପ୍ରଣାମ କଲେ। ଯାହାର ଲୁହରେ ସବୁ ପାପ ଧୋଇ ନିଶ୍ଚିହ୍ନ ହୋଇଯାଏ, ଯାହାର ହସରେ ଶତଦଳ ଫୁଟେ, ସେ ମାନବୀ ନୁହେଁ- ଦେବୀ। ତା'ରି ପାଦର ରେଣୁକୁ ନଳିନୀ ସମାନ ହେବ କି ନା ସନ୍ଦେହ।

ହେଲେ ବହୁତ ଡେରିରେ ଏସବୁ ବୁଝିଲେ ଅମରେଶବାବୁ। ମରୀଚିକା ପଛରେ ଦୌଡ଼ିଲେ ତୃଷ୍ଣା ବଢ଼େ ସିନା କମେନା।

ଆଜି ଆଉ କ'ଣ କରିବେ ଅମରେଶବାବୁ? ଏତେ ଡେରିରେ କାଚ-କାଞ୍ଚନର ଫରକ ବୁଝିଲେ ଯେ ଏବେ ସୂର୍ଯ୍ୟାସ୍ତର ରଙ୍ଗ ପଶ୍ଚିମ ଦିଗ୍‌ବଳୟରେ। ତା'ପରେ ତ ଅନ୍ଧାର। ଖାଲି ଅନ୍ଧାର।

ଅମରେଶବାବୁ ପି.ଏଫ୍. ନୋମିନୀଠୁଁ ଆରମ୍ଭ କରି ନିଜ ନୂଆ ଫ୍ଲାଟ୍, ଗାଡ଼ି, ଜମି ସବୁ ନଳିନୀଦେବୀଙ୍କ ନାଁରେ ଲେଖି ଦେଇଛନ୍ତି ହାତ କାଟି।

ଏ ଭିତରେ ଦୁଇମାସ ବିତିଗଲାଣି। ତଥାପି ଅମରେଶବାବୁଙ୍କର ଜ୍ୱର କମିନାହିଁ। ସେରିବ୍ରେରାଲ ମ୍ୟାଲେରିଆର ଟ୍ରିଟ୍‌ମେଣ୍ଟ ଚାଲିଛି। ମେଡିସିନ୍ ରେସ୍‌ପଣ୍ଡ କରୁନାହିଁ। ଖାଦ୍ୟପାନୀୟ ଜମା ନେଉନାହାନ୍ତି। ସାଲାଇନ୍ ଚାଲିଛି ଦିନରାତି।

ଅନିମା କାନ୍ଦିକାନ୍ଦି ନ ଖାଇ ନ ପିଇ କଣ୍ଟା ହୋଇଗଲାଣି। ପିଲାମାନଙ୍କର ଅବସ୍ଥା ବି ସେମିତି।

ନଳିନୀଦେବୀ କଲେଜ ଖୋଲିଲା ପରଠାରୁ ଏବେ ମାସେ ହେବ ଖୁବ ବ୍ୟସ୍ତ ଅଛନ୍ତି। କଲେଜ ଆଡ୍‌ମିଶନ, ସାଲାରି, ଗ୍ରାଣ୍ଟ୍‌ସ, ରିପୋର୍ଟ, ଅଡିଟ୍, ମିଟିଂରେ ସମୟ କେମିତି ଚାଲିଯାଉଛି ବରଫ ତରଳିବା ଭଳି ଯେ ସେ ଜମା ଜାଣିପାରୁନାହନ୍ତି। ସେ ଅମରେଶବାବୁଙ୍କ କଥା ଚିନ୍ତା କରିବାକୁ ବେଳ ପାଇନାହାନ୍ତି।

ତା'ଛଡ଼ା ଏବେ ଆଉ ଜଣେ ଅବିବାହିତ ତରୁଣ ଇଂରାଜୀ ଅଧ୍ୟାପକ ଜଏନ୍ କରିଛନ୍ତି ତାଙ୍କରି କଲେଜରେ। ପ୍ରଥମ ଦେଖାରେ ଇ ତା'ରି ପ୍ରେମରେ ପଡ଼ିଯାଇଛନ୍ତି ନଳିନୀଦେବୀ।

ଅଧ୍ୟାପକ ଗୌତମ ଦାସ ଜଣେ ସଫଳ ଇଂରାଜୀ କବି। ବିଭିନ୍ନ ଆନ୍ତର୍ଜାତିକ ମାଗାଜିନ୍‌ରେ ତାଙ୍କର କବିତା ପ୍ରକାଶ ପାଏ। କେଇଟି ଆନ୍ତର୍ଜାତିକ ସମ୍ମାନ ବି ପାଇଛନ୍ତି। ଗୌତମ ବି ନଳିନୀଦେବୀଙ୍କୁ ଭଲପାଇ ବସନ୍ତି ବୟସ ନିର୍ବିଶେଷରେ। କଲେଜରେ ଡାକନ୍ତି ମ୍ୟାଡାମ୍ ତ ଘରେ ଅପା। ରହନ୍ତି ଏବେଏବେ ନୂଆରେ ତିଆରି ହୋଇଥିବା ନଳିନୀଦେବୀଙ୍କ ଭଡ଼ାଘରର ଉପର ମହଲାରେ, ଏକାଏକା।

ଗୌତମ ଓ ନଳିନୀଦେବୀ ଗଜଲ ଶୁଣନ୍ତି କଳଗାଉଣାରୁ। କ୍ଲାସିକ୍ ଇଂରାଜୀ ପିକ୍‌ଚର ଦେଖନ୍ତି ଭି.ସିଆର୍‌ରେ। ଚିକେନ୍ ପକୋଡ଼ା/ କଫି/ ଆମଲେଟ୍ ଖାଆନ୍ତି। ହସନ୍ତି-କାନ୍ଦନ୍ତି- ବାଡ଼ିଆବାଡ଼ି ହୁଅନ୍ତି।

ସହରର ଲୋକେ କଥା ହୁଅନ୍ତି ଯେ- ନଳିନୀଦେବୀ ଡାଆଣୀଟାଏ। ଯାହା ସହ ଭାବ କରିବ, ତାହାର ରକତ ଶୋଷିନେବ। ଦେଖୁନ, ଅମରେଶବାବୁଙ୍କ କଥା। ବିଚାରା ସର୍ବସ୍ୱ ଦେଇ ନିଃସ୍ୱ ହୋଇଗଲା। ଅଥଚ ଏହାର ଛାତି ଏତେ ନିଷ୍ଠୁର ଯେ ଥରେ ବି ଫୋନ୍ କରି ବୁଝୁନି ତାଙ୍କ ଦେହ କଥା। ବରଂ ଟୋକା ଅଧ୍ୟାପକଙ୍କୁ ଧରି ରଙ୍ଗ କରୁଛି। ନବରଙ୍ଗ।

କଳଗାଉଣାରେ ଗଜଲ ବାଜୁଛି-

କ୍ୟା ଅଜବ ଚିଜ୍ ହୈ ଇନ୍‌ସାନ କା ଦିଲ୍ ଭି ନୀରଜ
ମୋମ୍ ନିକଲା ୟେ କଭି ତୋ କଭି ପଥର ନିକଲା।

କଲେଜ ପିଅନ ଟେଲିଗ୍ରାମ୍‌ଟିଏ ଆଣି ନଳିନୀଦେବୀଙ୍କ ହାତକୁ ବଢ଼ାଇ ଚାଲିଗଲା। ଅମରେଶ ମହାପାତ୍ର ଡାଇଡ୍ ଅନ୍ ଟେନ୍‌ଥ।

ନଳିନୀଦେବୀ କ୍ୟାଲେଣ୍ଡର ଦେଖିଲେ ଆଜି ତେର ତାରିଖ। ତିନିଦିନ ବିତିଗଲାଣି।

ଗୌତମ ହାତକୁ ବଢ଼ାଇଦେଲେ ଟେଲିଗ୍ରାମ୍‌ଟିକୁ। ରେକର୍ଡଟିଏ ଚେଞ୍ଜ୍ କରୁକରୁ ହାତରୁ ପଡ଼ି ଖଣ୍ଡଖଣ୍ଡ ହୋଇଗଲା। ତଳୁ ଗୋଟାଇ ଘର ବାହାରକୁ ଫୋପାଡ଼ି ଦେଲେ। ହାତ ଧୋଇ ଚିକେନ୍ ପକୋଡ଼ାଟିଏ ଉଠାଇ ଚିଲି ସସ୍‌ରେ ବୁଡ଼ାଇ ପାଟିକୁ ନେଉନେଉ ହସିଲେ ଟିକିଏ ମୁରୁକି ହସ।

ଗୌତମକୁ ବୋଧହେଲା ଦୁଃଶାସନର ମୃତ୍ୟୁ ଖବର ପାଇ ଦ୍ରୌପଦୀ ଏମିତି ଇ ହସିଥିବେ ବୋଧେ !

ଅଧ୍ୟାପକ ଗୌତମ ଦେଖୁଥିଲା ତା'ରି ଆଗରେ କେବଳ କଳଗାଉଣାଟିଏ ବାଜୁଛି ଅନୁନାସିକା ସ୍ୱରରେ। ନଳିନୀଦେବୀ କାହାନ୍ତି ? ନାହାନ୍ତି ତ। ସେ ଉପର ଘର ତଳଘର ଖୋଜିଲା ଆତୁରରେ। କେବଳ କଳଗାଉଣା ଇ ବାଜୁଛି।

ନଳିନୀଦେବୀ କ'ଣ କଳଗାଉଣାରେ ରୂପାନ୍ତରିତ ହୋଇଗଲେ କି ଆଉ ? କେଉଁ ହରର୍ ଶୋ'ର ଅଜବ ଦୃଶ୍ୟ ଭଳି!

ଗୌତମ କଳଗାଉଣାଟିକୁ ଆତୁରରେ ଅଣ୍ଡାଳିଲା।

ତା' ଦେହ-ମୁହଁ ଝାଳେଇଗଲା। ହାତରେ ଧରିଥିବା ଟେଲିଗ୍ରାମ୍‌ଟିକୁ ଫୋପାଡ଼ି ଦେଲା ଡରରେ। ମୁହଁରେ ଚାଦର ଘୋଡ଼େଇ ହୋଇ ବସିଲା ସୋଫାରେ।

କଳଗାଉଣାରୁ ଆସୁଥିଲା ଆୱାଜ୍ ଧୀରେଧୀରେ-

ଜୋ କୁତରତେ ହୈଁ ହମାରେ ଦିଲ୍ କୋ
ୟାଦ୍ ଉନ୍ ରିସ୍ତୋଁ କୀ ଲଗ୍‌ତି ହୈ ଗିଲହରୀ ହସ୍‌କୋ।।

**ଅମରେଶବାବୁଙ୍କର ଦେହ ପ୍ରାୟ ସୁସ୍ଥ ରହେ। ଦୁହେଁ କବାଟ ବନ୍ଦ କରି ହସନ୍ତି, କାନ୍ଦନ୍ତି ବାଡ଼ିଆବାଡି ହୁଅନ୍ତି ଫଟୋ ଉଠାନ୍ତି ଅନେକ କାଚ ବନ୍ଧେଇ ଫଟୋକୁ ଭାଙ୍ଗନ୍ତି, ପୁଣି ବନ୍ଧେଇ କରନ୍ତି**


## ସ୍ମରଣୀୟ



କିଶୋର ଆକାଶ୍

**କିଶୋର ଆକାଶ୍‌ଙ୍କ ଜନ୍ମ**
୧୯୫୬ ଗହ୍ମା ପୂନେଇଁରେ, ଭୁବନେଶ୍ୱରର ମଞ୍ଚେଶ୍ୱରରେ। ଶୈଶବ କଟିଛି ଗଞ୍ଜାମର ନରେନ୍ଦ୍ରପୁରରେ ଓ ଯୌବନ ବ୍ରହ୍ମପୁରରେ। କବିତା, ଗଳ୍ପ, ଗୀତ, ନାଟକ ସବୁଥିରେ ପିଲାଟିଦିନୁ ପରଖିଛନ୍ତି ଆପଣାର ପ୍ରତିଭା। କିଶୋରଙ୍କ ଗଳ୍ପର ବୈଶିଷ୍ଟ୍ୟ ହେଉଛି ଅପ୍ରତ୍ୟାଶିତ ପରିଣତି, ଯାହା ପାଠକଙ୍କୁ ଅବାକ୍ କରିଦିଏ। ପ୍ରକାଶିତ ପ୍ରମୁଖ ଗଳ୍ପ ସଙ୍କଳନ: 'ନିଜ ସହ ଲୁଚକାଳି', 'ମୁଠାଏ ଆକାଶ' ଓ 'ସାମ୍ନା କରିପାରୁ ନ ଥିବା ମଣିଷ'। ଓଡ଼ିଆ ସାହିତ୍ୟକୁ ନିରବଚ୍ଛିନ୍ନ ଅବଦାନ ପାଇଁ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ପୁରସ୍କୃତ...

# ମସ୍କୋର ମାୟା



ସ୍ମୃତି-ଅନୁଭୂତି

**ବୈଷ୍ଣବ ଚରଣ ପରିଡ଼ା**

ଇତି ମଧ୍ୟରେ ସୋଭିଏତ୍ ୟୁନିୟନ୍‌ର ନାମ ଓ ସୋଭିଏତ୍ ସମାଜର ରାଜନୈତିକ, ଅର୍ଥନୈତିକ ଚିତ୍ର ବଦଳି ଯାଇଛି। କିନ୍ତୁ ସୋଭିଏତ୍ ୟୁନିୟନ୍‌ରେ ଅଧ୍ୟୟନ କରିଥିବା ସେହି ସବୁ ଛାତ୍ରୀଛାତ୍ରଙ୍କ ମନରେ ସୋଭିଏତ୍ ସମାଜ ପକାଇଥିବା ପ୍ରଭାବ ଓ ମୂଲ୍ୟବୋଧର ଛାପ ଏବେ ବି ଅଲିଭା। ମୁଁ ଓ ମୋ' ପରିବାର ସହ ଏମାନଙ୍କର ଅତୁଟ ସମ୍ପର୍କ ତା'ର ପ୍ରମାଣ।

ଦୀର୍ଘ ୧୫ ବର୍ଷ ଧରି ମସ୍କୋର ପାଣି ପବନରେ ବିତାଇଥିବା ଜୀବନର ସ୍ମୃତି ଅନେକ ସମୟରେ ମନରେ ଭାସିଉଠେ। ମୁଁ ଓ ମୋ' ସ୍ତ୍ରୀଙ୍କ ଜୀବନର ସବୁଠାରୁ କର୍ମମୟ ବର୍ଷଗୁଡ଼ିକ ଆମେ ବିତେଇଥିଲୁ ମସ୍କୋରେ। ୧୯୭୪ ମସିହା ଡିସେମ୍ବର ୨୨ ତାରିଖରେ ବରଫଢଙ୍କା ମସ୍କୋରେ ମୁଁ ପାଦ ଦେଇଥିଲି। ମସ୍କୋକୁ ମୁଁ ଯାଇଥିଲି କେତେକ ଦାୟିତ୍ୱ ନିର୍ବାହ ପାଇଁ। ଭାରତ-ସୋଭିଏତ୍ ୟୁନିୟନ ମଧ୍ୟରେ ସାଂସ୍କୃତିକ ବନ୍ଧନକୁ ସୁଦୃଢ଼ କରିବା ସହିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ୟକ୍ ଦାୟିତ୍ୱ ମୋ' ଉପରେ ନ୍ୟସ୍ତ ଥିଲା। ମସ୍କୋରେ ଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଂଗଠନ ଦାୟିତ୍ୱ ମତେ ବୁଝିବାକୁ ପଡୁଥିଲା। ଏଥି ସହିତ ପୃଥିବୀର ବିଭିନ୍ନ ଦେଶରେ ଅନୁଷ୍ଠିତ ଆନ୍ତର୍ଜାତିକ ସମ୍ମିଳନୀ ଓ ଆଲୋଚନା ଚକ୍ରଗୁଡ଼ିକରେ ମୁଁ ଭାରତର ପ୍ରତିନିଧିତ୍ୱ କରୁଥିଲି। ଏହା ବ୍ୟତୀତ 'ସମାଜ'ର ବିଶେଷ ପ୍ରତିନିଧି ଭାବେ ସୋଭିଏତ୍ ୟୁନିୟନ ଓ ବିଶ୍ୱର ଘଟଣାବଳୀ ଉପରେ ମତେ ନିୟମିତ ଲେଖିବାକୁ ପଡୁଥିଲା। ଏଥିସହିତ 'ସୋଭିଏତ୍ ଦେଶ' ପତ୍ରିକା ପାଇଁ ମଧ ଲେଖୁଥିଲି। ଏ ସବୁ ପରେ ମୋ' ପାଇଁ ଆଉ ଗୋଟେ ଆକର୍ଷଣୀୟ କାର୍ଯ୍ୟ ଥିଲା ପ୍ରସିଦ୍ଧ ରୁଷ୍ ସାହିତ୍ୟ ଓ ମାର୍କ୍ସବାଦୀ ଦର୍ଶନ ତଥା ଅର୍ଥଶାସ୍ତ୍ରକୁ ଓଡ଼ିଆରେ ଅନୁବାଦ କରି ମସ୍କୋରୁ ପ୍ରକାଶ କରିବା। ଏହି ସମୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅମରକୃତି 'ମାଟିର ମଣିଷ' ଓ ଅନ୍ୟାନ୍ୟ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ରୁଷ୍ ଭାଷାରେ ଅନୁବାଦ କରି ମୁଁ ପ୍ରକାଶ କରିଥିଲି।

ଉପରୋକ୍ତ କାର୍ଯ୍ୟଗୁଡ଼ିକ ସହିତ ମୋତେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡୁଥିଲା। ତାହା ଥିଲା- ସୋଭିଏତ୍ ୟୁନିୟନ ସମେତ ୟୁରୋପର ଅନ୍ୟାନ୍ୟ ସମାଜବାଦୀ ଦେଶରେ ଅଧ୍ୟୟନ ଏବଂ ଗବେଷଣା କରୁଥିବା ଭାରତୀୟ ଛାତ୍ରୀଛାତ୍ରମାନଙ୍କୁ ଦେଖାଶୁଣା କରିବା। ଅଳ୍ପ ବୟସରେ ଦେଶ ତଥା ପରିବାର ଛାଡ଼ି ଯାଇଥିବା ଏହି ତରୁଣୀ ତରୁଣମାନଙ୍କୁ ଭାରତର ଇତିହାସ, ସଂସ୍କୃତି ସମ୍ପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିବା ସହିତ ନିଜ ମାତୃଭୂମି ପ୍ରତି ମମତ୍ୱବୋଧ ଜାଗ୍ରତ କରିବା ଥିଲା ସବୁଠୁଁ ବଡ଼ କାର୍ଯ୍ୟ। ତେଣୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ନେଇ ଏ ସବୁ ବିଷୟରେ ଚର୍ଚ୍ଚା ନିମିତ୍ତ ଆଲୋଚନାଚକ୍ରମାନ ଆୟୋଜିତ ହେଉଥିଲା। ଛାତ୍ରୀଛାତ୍ରଙ୍କ ଭଲମନ୍ଦ ଖବର ବୁଝିବା କେବଳ ନୁହେଁ, ସେମାନଙ୍କ ବିବାହ ଆଦି ଉତ୍ସବରେ ମଧ ମୋତେ ଯୋଗ ଦେବାକୁ ପଡୁଥିଲା। କେଉଁଠି ବରପିତା ତ କେଉଁଠି କନ୍ୟାପିତା ହିସାବରେ ବିବାହ ପଞ୍ଜୀକରଣ ପୁସ୍ତିକାରେ ମୁଁ ଦସ୍ତଖତ କରୁଥିଲି। ଏହିଭଳି ଭାବେ ଭାରତୀୟ ଛାତ୍ରୀଛାତ୍ରଙ୍କ ସହିତ ମୋ' ପରିବାରର ଏକ ଅନ୍ତରଙ୍ଗ ସଂପର୍କ ଗଢ଼ି ଉଠିଥିଲା। ଏ ସବୁ କର୍ମବ୍ୟସ୍ତତା ମଧ୍ୟରେ ଥାଇ ବି ମୋ' ସ୍ତ୍ରୀ ଏମ୍.ଫିଲ୍. ଓ ପିଏଚ୍.ଡି. କରିଥିଲେ ଏବଂ ମୁଁ ମଧ୍ୟ ଏମ୍.ଫିଲ୍. କରିଥିଲି।

ମୋର ଯାହା ମନେପଡ଼େ, ସୋଭିଏତ୍ ୟୁନିୟନ ସମେତ ଅନ୍ୟାନ୍ୟ ସମାଜବାଦୀ ଦେଶଗୁଡ଼ିକରେ ସେତେବେଳେ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ବିନା ଖର୍ଚ୍ଚରେ ଉଚ୍ଚଶିକ୍ଷା ଲାଭ କରୁଥିଲେ। ଶହଶହ ଡାକ୍ତର, ଇଞ୍ଜିନିୟର, ବିଭିନ୍ନ ବିଷୟରେ ବିଶେଷଜ୍ଞଙ୍କ ସମେତ ଅର୍ଥନୀତି, ସମାଜ ବିଜ୍ଞାନ ଓ ସାହିତ୍ୟ ଉପରେ ଅନେକେ ଗବେଷଣା କରି ଦେଶକୁ ଫେରି ଆସୁଥିଲେ। ବହୁ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କେତେକେ ଆଜି ଅଧିଷ୍ଠିତ ଓ କେତେକ ଆମେରିକା, ୟୁରୋପ ଆଦି ଦେଶରେ କର୍ମରତ।

ଇତି ମଧ୍ୟରେ ସୋଭିଏତ୍ ୟୁନିୟନ୍‌ର ନାମ ଓ ସୋଭିଏତ୍ ସମାଜର ରାଜନୈତିକ, ଅର୍ଥନୈତିକ ଚିତ୍ର ବଦଳି ଯାଇଛି। କିନ୍ତୁ ସୋଭିଏତ୍ ୟୁନିୟନ୍‌ରେ ଅଧ୍ୟୟନ କରିଥିବା ସେହି ସବୁ ଛାତ୍ରୀଛାତ୍ରଙ୍କ ମନରେ ସୋଭିଏତ୍ ସମାଜ ପକାଇଥିବା ପ୍ରଭାବ ଓ ମୂଲ୍ୟବୋଧର ଛାପ ଏବେ ବି ଅଲିଭା। ମୁଁ ଓ ମୋ' ପରିବାର ସହ ଏମାନଙ୍କର ଅତୁଟ ସମ୍ପର୍କ ତା'ର ପ୍ରମାଣ।

ସମ୍ପ୍ରତି ମୁଁ ଦୁରାରୋଗ୍ୟ କର୍କଟରେ ପୀଡ଼ିତ ଓ ମୋ' ଜୀବନର ଏଇ ଦୁଃସ୍ଥିତିରେ ସେମାନଙ୍କ ଅନାବିଳ ସ୍ନେହ ଶ୍ରଦ୍ଧା ଅନୁଭବ କରି ମୁଁ ଓ ମୋ' ପରିବାର ବିହ୍ୱଳ। ଗତ ମାର୍ଚ୍ଚ ମାସରେ ଜଣାପଡ଼ିଲା ଯେ ମୁଁ କର୍କଟ ରୋଗରେ ଆକ୍ରାନ୍ତ। ଏହା ଥିଲା ମୋ' ପରିବାର ପରିଜନଙ୍କ ପାଇଁ ବିନା ମେଘରେ ବଜ୍ରପାତ ସଦୃଶ। କର୍କଟ ପରି ଏକ ଭୟଙ୍କର ରୋଗ ନାଁ ଶୁଣିଲେ କାହା ମନରେ ବା ଭୟ ଜାତ ହୁଏ ନାହିଁ! କ'ଣ କରିବାକୁ ହେବ, କେଉଁଠି ଚିକିତ୍ସା କରିବାକୁ ପଡ଼ିବ ଭାବି ସମସ୍ତେ ବିଚଳିତ ହୋଇ ପଡ଼ିଲେ। ହଠାତ୍ ମୋ' ସ୍ତ୍ରୀଙ୍କ ମନରେ ଭାସି ଉଠିଲା ଆମର ସେଇ ପ୍ରିୟଭୂମି ମସ୍କୋ ଓ ସେଠାକାର ବନ୍ଧୁମାନଙ୍କ କଥା। ସେମାନଙ୍କ ସହିତ ସେ ଯୋଗାଯୋଗ କରି ପରାମର୍ଶ ଲୋଡ଼ିଲେ। ମୋ' ଅସୁସ୍ଥତା ଖବର ଶୁଣି ସେମାନଙ୍କ ବ୍ୟାକୁଳତା କହିଲେ ନ ସରେ। ଅନେକଙ୍କ ଆଖିରେ ଲୁହ। ସଙ୍ଗେ ସଙ୍ଗେ ସେମାନେ ଭାରତ ଏବଂ ଭାରତ ବାହାରେ ଥିବା ପୁରୁଣା ସାଥୀମାନଙ୍କୁ ଏ ଖବର ଜଣାଇଦେଲେ। କେବଳ ଭାରତ ନୁହେଁ, ପୃଥିବୀର ଯେକୌଣସି ଦେଶରେ ଆବଶ୍ୟକ ହେଲେ ମୋର ଚିକିତ୍ସା ପାଇଁ ସେମାନେ ପ୍ରସ୍ତୁତ ଓ ଏଥିରେ ଅର୍ଥ ବାଧକ ହେବ ନାହିଁ ବୋଲି ପ୍ରତିଶ୍ରୁତି ମଧ ଦେଲେ।

ଏହି ସମୟରେ ମୋର ମନେପଡ଼ିଲା ଭାରତର ଅନ୍ୟତମ କ୍ୟାନ୍‌ସର ଚିକିତ୍ସା ବିଶେଷଜ୍ଞ ଡା. ଦୀନେଶ ପାଣ୍ଡେକରଙ୍କ କଥା। ଡା. ପାଣ୍ଡେକର ମସ୍କୋରେ ମୋର ଅବସ୍ଥାନ କାଳରେ ଚିକିତ୍ସା ବିଜ୍ଞାନର ଛାତ୍ର ଥିଲେ। ଅତ୍ୟନ୍ତ ମେଧାବୀ ଛାତ୍ର। କର୍କଟ ରୋଗ ଉପରେ ଉଚ୍ଚଶିକ୍ଷା ଲାଭ କରି ଭାରତକୁ ଫେରିଥିଲେ। ଆମ ପରିବାର ସହିତ ତାଙ୍କର ସଂପର୍କ ଥିଲା ଅତ୍ୟନ୍ତ ଘନିଷ୍ଠ। ସେ ଓଡ଼ିଶା ଆସିଲେ ଆମ ଘରକୁ ଆସିବାକୁ ଭୁଲନ୍ତି ନାହିଁ। ତାଙ୍କ ପାଖକୁ ଶ୍ରୀମତୀ ପରିଡ଼ା ଫୋନ୍ କଲେ। ସେ ଫୋନ୍ ଉଠାଇଲେ ଏବଂ ତାଙ୍କ ଆଡୁ କହିଲେ- ଭାବିଜୀ, ମୁଁ ସବୁ ଖବର ପାଇଛି। ମସ୍କୋ ତଥା ଆମ ଦେଶରେ ଥିବା ବନ୍ଧୁମାନେ ମୋତେ ପରିଡ଼ାଜୀଙ୍କ ରୋଗ ବିଷୟରେ ଜଣାଇଛନ୍ତି। ଆପଣ ତୁରନ୍ତ ତାଙ୍କୁ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରିଦିଅନ୍ତୁ। ସେଠାରେ ମୋର ବନ୍ଧୁ ଡା. ଚିନ୍ମୟ ପାଣି ଅଛନ୍ତି। ତାଙ୍କୁ ମୁଁ କହିଦେଉଛି କି କି ପରୀକ୍ଷା କରିବାକୁ ହେବ। ବ୍ୟସ୍ତ ହୁଅନ୍ତୁ ନାହିଁ, ଦୁଇଦିନ ମଧରେ ମୁଁ ଭୁବନେଶ୍ୱରରେ ପହଞ୍ଚିବି। ପହଞ୍ଚିଲେ ମଧ। ରିପୋର୍ଟଗୁଡ଼ିକ ଦେଖିବା ପରେ ମୋ' ଦୁଇ କାନ୍ଧ ହାଡ଼ର ସନ୍ଧିକୁ ଆଙ୍ଗୁଠିରେ ଦବାଇ କହିଲେ, ଏହା ଲିଂଫୋମା, କ୍ୟାନ୍‌ସର ଜାତୀୟ; କିନ୍ତୁ ଆରୋଗ୍ୟସାଧ। ଏଥିରେ ଅସ୍ତ୍ରୋପଚାର ଦରକାର ନାହିଁ। ଶ୍ରୀମତୀ ପରିଡ଼ା ଓ ପିଲାମାନେ ମୋତେ ବମ୍ବେ ନେବା କଥା କହିବାରୁ ସେ କହିଲେ, ଏଠାରେ ସବୁ ପରୀକ୍ଷା ଓ ଚିକିତ୍ସା ହୋଇପାରିବ। ଅଯଥା କାହିଁକି ବମ୍ବେ ଯିବେ। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଚିକିତ୍ସିତ ହେଲି। ୬ଟି କେମୋ ନେଲା ପରେ ପୁଣି ସେ ଆମ ଭୁବନେଶ୍ୱର ଘରକୁ ଆସିଥିଲେ। କଫି ପିଇବା ସହ ଆମ ସହିତ ଆଳାପ ଆଲୋଚନାରେ ଘଣ୍ଟାଏ କାଳ ବିତାଇଥିଲେ। ମୋର ମନେହେଲା, ଯେପରି ତାଙ୍କର ଏ ଆସିବାର ଉଦ୍ଦେଶ୍ୟ ମୋ' ମନୋବଳ ବଢ଼ାଇବା। ମୁଁ ତାଙ୍କୁ କହିଥିଲି, ''ତମ ଚିକିତ୍ସା ଓ ଓଡ଼ିଆ ଭାଷା ଆନ୍ଦୋଳନକୁ ପୂର୍ଣ୍ଣାଙ୍ଗ କରିବାର ସଂକଳ୍ପ ମୋ' ମନୋବଳକୁ ଦୃଢ଼ କରିଛି।''

ଦିନେ ମସ୍କୋ ସହରରେ...





୧୯୮୯ରେ ମସ୍କୋରୁ ମୁଁ ଭାରତ ଫେରିଥିଲି। ଇତି ମଧ୍ୟରେ ୨୮ ବର୍ଷ ବିତିଗଲାଣି। ଭାରତୀୟ ଛାତ୍ରଙ୍କର ମୋ' ପ୍ରତି ଥିବା ସେଦିନର ସ୍ନେହ ଏବେ ବି ଅମଳିନ ରହିଥିବ- ଏହା ମୁଁ ଓ ମୋ' ପରିବାରର କଳ୍ପନା ବାହାରେ ଥିଲା। ଦୁନିଆର ଯେଉଁ କୋଣରେ ଥିଲେ ବି ସୋଭିଏତ୍ ୟୁନିୟନରୁ ସେମାନେ ଶିଖିଥିବା ସଦ୍‌ଗୁଣ ଓ ମୂଲ୍ୟବୋଧକୁ ଏଯାଏଁ ଯେ ପାସୋରି ନାହାନ୍ତି, ଏହା କମ୍ ଆଶ୍ୱାସନାର କଥା ନୁହେଁ। ଏହା ମସ୍କୋର ମାୟା। ଯେଉଁ ସବୁ ମୂଲ୍ୟବୋଧ ପାଇଁ ଜୀବନ ତମାମ ଆମେ ସଂଗ୍ରାମ କରିଚାଲିଛେ, ତାହା ଯେ କେବେ ବ୍ୟର୍ଥ ହେବାର ନୁହେଁ- ଏଥିରେ ଆଉ ଥରେ ନିଶ୍ଚିତ ହେବାକୁ ହେଉଛି।

*– ଏନ୍ ୩/୧୨,*
*ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର*

# କ ବି ତା



## କୂର୍ମବେଢ଼ା

**ଡ. ଅଶ୍ୱିନୀ କୁମାର ରାୟ**

ମଣିମୟ ପ୍ରାଚୁର୍ଯ୍ୟର
ସ୍ୱପ୍ନିଳ ବିଭବ
ଅପରାଜିତ ପିପାସାର
ଅନ୍ତିମ ଉଚ୍ଛ୍ୱାସ
ଗୈରିକ, ଚେତନଶୀଳ
ଭୂଲୁଣ୍ଠିତ, ଅଳୀକ
ଆବେଗ।

ଆକୃତିର କୃତାଞ୍ଜଳି ପୁଟ
କ୍ଷମାସାଗର ପାଶେ
ଅକୁତୋ ଭୟ ପ୍ରଣାମ।
ଆଶ୍ୱସ୍ତିର ଅର୍ବୁଦ ଉଚ୍ଚାରଣ।

ବୁଦ୍ଧ-ଯିଶୁଙ୍କଠୁ
କବୀର-ଚୈତନ୍ୟ
ଦାସିଆ-ସାଲବେଗଯାଏ
ପ୍ରଲମ୍ବିତ ଚୈତ୍ତ-ସତ୍ତା
ବୋଧିତ୍ୱ କି ରାଗାନୁଗା ନୁହେଁ।
ମୋକ୍ଷ କି ମୁକ୍ତିର, ଚତୁର୍ବର୍ଗର
ସୀମିତ ପରିଭାଷା ନୁହେଁ।

ଅନାବୃତ, ମୋହମୁକ୍ତି
ତଲ୍ଲୀନତାର ଉର୍ଦ୍ଧ୍ୱ-
ବାହୁବଳୟେ।
କୋଳକରେ ଆଲିଙ୍ଗନ ମୁଦ୍ରାରେ
ମହୋଦଧିର ନୀଳ-ଚନ୍ଦ୍ରିକାକୁ।
ସବୁ ଅପହଞ୍ଚ ଧ୍ୱନି-ତରଙ୍ଗର
ଆର୍ତ୍ତି-ଅଶ୍ରୁର ବିଳାପ
କୂର୍ମବେଢ଼ା ପାଶେ ସମର୍ପି ଦିଏ
ସେଇ ନୀଳାବର୍ତ୍ତ
ନୀଳ ଘନ ଆଡ଼େ
ଏକ ଅବ୍ୟକ୍ତ କୋଳାହଳେ।

*– ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା-୩*



## ମାଟି ଗୀତ

**ଶ୍ରୀହରି ଧଳ**

ଫାଡ଼ିଲି ତ ମାଟି
ମାଟିରେ ଥାଏ
ଜିଇବାର ଗହନସୂତ୍ର।
ଭୋକକୁ ଭାତ
ନିଦକୁ ଶେଯ।
ଚିପୁଡ଼ିଲି ତ ମାଟି
ଥୋପି ପଡ଼ିଲା ଟପ୍‌ଟପ୍ ରକ୍ତ।

ରକ୍ତରେ ଖୋଜିଲି
ନିଜ ମୁହଁ।
ଝାଳ ଗନ୍ଧ।
ପୂର୍ବଜଙ୍କ ଚେର।
ମାଟି ତାଡ଼ିଲା ତ ଚଷାପୁଅ
ପାଇଲା
କବିତାର ଗହନସୂତ୍ର।

ସେବେଠୁ
ଗୀତ ଗାଇବା ଆରମ୍ଭ କରିଛି।
ପବନ ପାଛିଆରେ
ସାଉଁଟିଛି
ଛେଲାଛେଲା ଲୋକଗୀତ।

ଧୂଳିରେ
ଧୂସରିତ ପୃଷ୍ଠାଏ ଦେହ।
କୋଳାକୋଳିରେ
ଧୂଳି ଓ ଦେହ
ଏକାକାର।

କିଏ କହନ୍ତା
ମାଟିଠୁ ଭିନ୍ନ ବୋଲି
ଜୀବନ।
ଦେହ ତ
ପଞ୍ଚ ମହାଭୂତ।

*– ବରୁଣେଶ୍ୱର କଲେଜ, ଅରେଇ, ଯାଜପୁର*

— ଗୀତି କବିତା —

## ମୁକ୍ତ ଆକାଶେ ବିହଙ୍ଗଟିଏ ମୁଁ

**କୁମୁଦଲତା ମହାନ୍ତି**

ମୁକ୍ତ ଆକାଶେ ବିହଙ୍ଗଟିଏ ମୁଁ
ନୀଡ଼ଟିଏ ଖୋଜୁଥିଲି
ବହୁଦିନ ପରେ ଅଚାନକ ଦିନେ
ତୁମକୁ ମୁଁ ପାଇଗଲି।

ତୁମେ ଥିଲ ମୋର ଏକାନ୍ତ ସପନ
ଏକମାତ୍ର ପ୍ରିୟ ସାଥୀ
ଯା' ପାଇଁ ଶୋଇନି ଅନେକ ଦିନ ମୁଁ
ଶୋଇନି ଅନେକ ରାତି
ତୁମକୁ ପାଇ ମୁଁ ମନେମନେ ପ୍ରିୟ,
ଭାବିଲି ସବୁ ପାଇଲି।

ବରଷା ରାତିରେ କାହୁଁ ଆସି ଝଡ଼
ଉଡ଼ାଇ ନେଲା ମୋ' ଘର
ମୋ' ଆଶାର ସବୁ ଆଲୋକ ଲିଭିଲା
ଛାଇଗଲା ଅନ୍ଧକାର
ତୁମେ ଚାଲିଗଲ ପ୍ରିୟତମ ମୋର
ଏକା ମୁଁ ଯେ ରହିଗଲି।

ପାହାନ୍ତା ପହର ରାତିର ସପନ
ସବୁ ମିଛ ହୋଇଗଲା
ସମୟ ବି ମତେ ଦୂରେଦୂରେ ଥାଇ
କେତେ ଉପହାସ କଲା
ଝାଉଁଳି ପଡ଼ିଲା ପ୍ରୀତି-ପାରିଜାତ,
ଲୋତକ ପଡ଼ିଲା ଝରି।

*– ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

## ଶରଣାର୍ଥୀ

**ସୀମନ୍ତ ମହାନ୍ତି**

ଅସରାଅସରା ବର୍ଷା ସାଙ୍ଗକୁ
ଚାଇଁଚାଇଁ ଖରା
ମଥାନତ କାକୁତି
ସମର୍ପଣ, ଆଶ୍ରା ପାଇଁ ଦୌଡ଼...

ଏକାଏକା ଦଳଦଳ ମାଳମାଳ
ମାଇଲ୍‌ମାଇଲ୍ ଉଠାପକା ବୁଲାବଙ୍କା
ସନ୍ତସନ୍ତିଆ ଯାତ୍ରା।

ବର୍ଷାଭିଜା ଝାଳ ଗନ୍ଧରେ
ପୋଡ଼ାପେଟ ଭରିବାକୁ ଦଳାଚକଟା
ଖଣ୍ଡିଆଖାବରା ଓଜନିଆ ପାଦ
ଆଗକୁଆଗକୁ ଭିଡୁଛି ଜୀବନ।

ଓଦା ସରସର ଦେହ...
ଅପନ୍ତରାରେ
ଅମୃତଫୁଲ ଫୁଟୁଛି।

*– ୪୬, ଶହୀଦନଗର, ଭୁବନେଶ୍ୱର*

## ରୂପାନ୍ତର

**ସ୍ୱପ୍ନା ମିଶ୍ର**

ଚାବି ଲୋଡ଼ା ନାହିଁ
ତାଲାରେ ଲାଗିସାରିଚି କଳଙ୍କି

ଖରାରେ ଜଳିଯାଉଚି ଛାଇ
କୋଉଠି କେହି ନାହିଁ।


ପବନରେ ଉଡୁଛି ବାଲି ଓ ବୈଶାଖୀ
ପାଟି, ଆଖି ନାକ ରୁନ୍ଧି ଦେଉଚି

ପୋତି ହୋଇ ପଡୁଛି ସମୁଦ୍ର
ଲୋକେ ସେଆଡ଼େ ଧାଇଁଛନ୍ତି

ଯେ ଲଢ଼ି ଜାଣେ
ସେ ବଞ୍ଚି ରହେ
କେହି ଜଣେ କହୁଚି

ଆଶ୍ଚର୍ଯ୍ୟ
ସୂର୍ଯ୍ୟରୁ ଜ୍ୟୋତ୍ସ୍ନା ଝରୁଚି।

*– ୧୦୩, ନଟରାଜ ଟାୱାର, ନୀଳକଣ୍ଠ ନଗର, ଭୁବନେଶ୍ୱର*



ବନଜା ବିଶ୍ୱାଳଙ୍କ ଜନ୍ମ ୧୯୭୫ରେ, କେନ୍ଦ୍ରାପଡ଼ାର ମାର୍ଶାଘାଇରେ। ପିଲାଟି ବେଳୁ ପଢ଼ାପଢ଼ି ଓ ଲେଖାଲେଖିରେ ଆଗ୍ରହ। ଓଡ଼ିଆ ବ୍ୟତୀତ ହିନ୍ଦୀ ଓ ଇଂଲିଶ୍‌ରେ ମଧ୍ୟ ଲେଖନ୍ତି। ପ୍ରକାଶିତ ଗ୍ରନ୍ଥ: 'ଅମୃତଧାରା' (କବିତା) ଓ 'ନିଶିଗନ୍ଧା' (ଉପନ୍ୟାସ)।






ବନଜା ବିଶ୍ୱାଳ

## ମୋତେ ଲେଖିବାର ପ୍ରେରଣା ଦେଇଥିଲା ମୋ' ପ୍ରଥମ ଲେଖା

ଯୁକ୍ତ ଦୁଇରେ ପଢୁଥିବାବେଳେ କଲେଜ ପତ୍ରିକାରେ ଗୋଟିଏ ଇଂଲିଶ୍ କବିତା ପ୍ରକାଶ ପାଇଥିଲା "I'm alone but I have a friend"। ପରବର୍ତ୍ତୀ ସମୟରେ ୧୯୯୫ରୁ ଦିଲ୍ଲୀ ରହଣି ଯୋଗୁଁ କର୍ମଜଞ୍ଜାଳରେ ବ୍ୟସ୍ତ ରହି ଲେଖାଲେଖିରେ ସମ୍ୟକ୍ ବ୍ୟାଘାତ ହୋଇଥିଲା। ପରେ ୱେବ୍‌ସାଇଟ୍‌ରେ ହିନ୍ଦୀ, ଇଂଲିଶ୍ ଓ ଓଡ଼ିଆ ଭାଷାରେ କବିତା ଲେଖିବା ଆରମ୍ଭ କଲି। 'ଶବ୍ଦୋଁ କି ଚାଲ୍', 'ଥକାମନ', 'ସ୍ପନ୍ଦନ', 'Indian hearts.com' ରେ ଏବେ ବି ଲେଖାସବୁ ପୋଷ୍ଟିଂ ହେଉଛି।

ଜଣେ ଓଡ଼ିଆ ବନ୍ଧୁଙ୍କଠାରୁ 'ଅଞ୍ଜଳି' ପତ୍ରିକାଟି ଦେଖିବା ପରେ ଦିଲ୍ଲୀରୁ କବିତାଟିଏ ପଠାଇଥିଲି, ଯାହା 'ଅଞ୍ଜଳି'ର ୨୦୧୬ ପୂଜାସଂଖ୍ୟାରେ ପ୍ରକାଶ ପାଇଥିଲା। ଶୀର୍ଷକ ଥିଲା- 'ପ୍ରଦୀପ'। କ୍ଷୁଦ୍ରାକୃତିର ଏହି କବିତାଟି ପ୍ରକାଶ ପାଇବା ପରେ ପତ୍ରିକା ପାଇବା ପୂର୍ବରୁ ଓଡ଼ିଶାରେ ଥିବା କେତେକ ସଂପର୍କୀୟ ଓ ବନ୍ଧୁଙ୍କଠାରୁ କବିତା ପ୍ରକାଶ ପାଇଥିବା ଜାଣିଲି ଓ ହ୍ୱାଟ୍ସଆପ୍‌ରେ ପୃଷ୍ଠାଟିର ଫଟୋ ମଧ୍ୟ ପାଇଲି। ପରେ ଅବଶ୍ୟ ଡାକରେ ପତ୍ରିକାଟି ଆସି ପହଞ୍ଚିଲା। କବିତାଟି ପତ୍ରିକାରେ ବହୁ ପ୍ରବୀଣ ଲେଖକଙ୍କ ଲେଖା ସହ ପ୍ରକାଶ ପାଇଥିବାରୁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରିବା ସହ ଖୁବ୍ ଖୁସି ହୋଇଥିଲି। ଏହାଥିଲା, ମୋ' ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ।


ଇତିମଧ୍ୟରେ ୨୦୧୭ରେ ଦିଲ୍ଲୀରୁ ଫେରି ଆସି କଟକରେ ରହିବା ପରେ ଓଡ଼ିଆ ଭାଷାର ବିଭିନ୍ନ ଖବରକାଗଜ, ପତ୍ରିକାରେ ମୋର ଗଳ୍ପ, କବିତା ଓ ଗଳ୍ପ ପ୍ରକାଶ ପାଇଲାଣି। 'ଅମୃତଧାରା' କବିତା ସଙ୍କଳନ ଓ 'ନିଶିଗନ୍ଧା' ଉପନ୍ୟାସ ପ୍ରକାଶ ପାଇବା ସହ ପାଠକୀୟ ଶ୍ରଦ୍ଧା ଓ ସମ୍ବର୍ଦ୍ଧନା ମଧ୍ୟ ପାଇଲିଣି। 'ଅଞ୍ଜଳି' ପତ୍ରିକାରେ ପ୍ରକାଶିତ ମୋ' ଜୀବନର ପ୍ରଥମ କବିତା 'ପ୍ରଦୀପ' ମୋତେ ଯେଉଁ ଆନନ୍ଦ ଆଣି ଦେଇଥିଲା, ସେହି ଆନନ୍ଦ ମୋତେ ଆଗକୁ ଲେଖିବା ପାଇଁ ଯେ ପ୍ରେରଣା ଦେଇଥିଲା ଏହା ସ୍ୱୀକାର କରିବାରେ ମୋର କୁଣ୍ଠା ନାହିଁ।

# ପୁସ୍ତକ ପରିଚୟ



## କବିତାର କଥା

**ଲେଖକ:** ରତ୍ନାକର ରାଉତ
**ପ୍ରକାଶକ:** କାବ୍ୟଲୋକ, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୧୭, **ମୂଲ୍ୟ:** ଟ.୨୫୦/-




କବି ରତ୍ନାକର ରାଉତଙ୍କ ଲିଖିତ 'କବିତାର କଥା'ର ଏହା ଦ୍ୱିତୀୟ ଭାଗ। ବହିଟିର ଶୀର୍ଷକ ତଳେ ଛୋଟ ଅକ୍ଷରରେ ଲେଖାଯାଇଛି- "ସାମ୍ପ୍ରତିକ ଓଡ଼ିଆ କବିତାର ଏକ ମନନଶୀଳ ଆଲୋଚନା।" 'ଅଠର' ପରିଚ୍ଛେଦରୁ ଆରମ୍ଭ ଓ 'ପଞ୍ଚତିରିଶ'ରେ ଶେଷ ହୋଇଥିବା ବହିଟି ଦୁଇଶହ ପୃଷ୍ଠା ବିଶିଷ୍ଟ। 'ସାହିତ୍ୟିକ ସୃଷ୍ଟି କ'ଣ ସତରେ କାଳଜୟୀ ?', 'ସମକାଳୀନ ଓଡ଼ିଆ ସାହିତ୍ୟ ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ' ଓ 'କବିତା ଲେଖିବା କାହିଁକି ?' ଭଳି ଲେଖା ସାଙ୍ଗକୁ ଏଥିରେ ସଂଯୋଜିତ ହୋଇଛି ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତିଙ୍କୁ ଲେଖକଙ୍କର ଏକ ଶ୍ରଦ୍ଧାଞ୍ଜଳି। ବହିଟି ପଢ଼ି ମନେହେଲା କବିତା ସମ୍ପର୍କରେ ରତ୍ନାକରଙ୍କ ଅନୁଭବରେ ବେଶ୍ ଭିନ୍ନତା ରହିଛି। ନିବନ୍ଧର ବାକ୍ୟଗୁଡ଼ିକ ମୌଳିକ। କବିତା ସମ୍ପର୍କରେ କହିବାକୁ ଯାଇ ସେ ଠାଏ କହିଛନ୍ତି: "ବେଦନାର ଇସ୍ତାହାର ହେଉଛି କବିତା। ଅସହଣୀୟ ବ୍ୟଥାର ଗର୍ଭଗୃହରୁ ଜନ୍ମନିଏ କବିତା ; ଠିକ୍ କଂସର ନିରନ୍ଧ୍ର କାରାଗାରରେ ଜନ୍ମ ନେଲା ପରି କୃଷ୍ଣ।" (ପୃ: ୧୫୩)। ପ୍ରଚ୍ଛଦଲେଖରେ ଯାହା ଉଲ୍ଲେଖ ଅଛି- 'କବିତାର କଥା' ଏକ ତତ୍ତ୍ୱ ନୁହେଁ, ନିଜର କବିସତ୍ତା ସହ କବିର ଅନ୍ତରଙ୍ଗ ଆଳାପ, ଏଥିସହ ଦ୍ୱିମତ ହେବାର କିଛି କାରଣ ନାହିଁ।

## ବ୍ୟକ୍ତି ଚେତନାର ଊର୍ଦ୍ଧ୍ୱାରୋହଣ


**ଲେଖକ:** ତୁଳସୀ ଜୈନ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୨୦/-




ଆଲୋଚ୍ୟ ପୁସ୍ତକଟି ବିଭିନ୍ନ ସମୟରେ ଦୈନିକ ଖବରକାଗଜରେ ଲେଖକ ଲେଖିଥିବା ଲେଖାଗୁଡ଼ିକର ଏକ ସମ୍ମିଳିତ ସଂକଳନ। ସମକାଳୀନ ସମୟ ଓ ସମାଜର ବିଭିନ୍ନ ଘଟଣା, ସମସ୍ୟାବଳୀ, ଇତିହାସ, ରାଜନୀତି, ଧର୍ମ ଓ ସାହିତ୍ୟ- ଏହିପରି ବିଭିନ୍ନ ପ୍ରସଙ୍ଗ ଆଧାରରେ ଲେଖକ ତାଙ୍କ ଉପଲବ୍ଧିର ଉଲ୍ଲେଖ କରିଛନ୍ତି ବିଭିନ୍ନ ନିବନ୍ଧରେ। ଗ୍ରନ୍ଥରେ ସ୍ଥାନିତ 'ସଂସ୍କୃତି: ବ୍ୟକ୍ତି ଓ ସମାଜ', 'ଆତଙ୍କ ଓ ଅହିଂସା', 'ଜେହାଦ୍ ଓ ଯୁକ୍ତରାଷ୍ଟ୍ର ଆମେରିକା', 'ସମ୍ବେଦନଶୂନ୍ୟ ମଣିଷ: ରୁଗ୍ଣ ସମାଜ', 'ନେହରୁ ଜିନ୍ନା ଓ ଭାରତ ବିଭାଜନ', 'ବିଲ୍ ଗେଟ୍ସ ଓ ମୁକେଶ ଅମ୍ବାନି', 'ସାହିତ୍ୟ, ପୁରସ୍କାର ଓ ପୂର୍ବାଗ୍ରହ', 'ସଂସଦ ଓ ପକ୍ଷ-ପ୍ରତିପକ୍ଷ', 'ବିଶ୍ୱାସର ସଂକଟ ଏବଂ ପରିଣାମ' ଭଳି ନିବନ୍ଧଗୁଡ଼ିକ ଲେଖକଙ୍କ ନିଜସ୍ୱ ବିଚାରବୋଧର ପରିଚୟ ଦିଏ। ବହିଟି ତା' ନିଜ ଶକ୍ତିରେ ପାଠିକାପାଠକଙ୍କ ନିକଟବର୍ତ୍ତୀ ହୋଇପାରିବ ବୋଲି ଆଶା।

## ଅନୁଚ୍ଚାରିତ


**କବି:** ସୁରେଶ ନାୟକ
**ପ୍ରକାଶକ:** ଆକାଂକ୍ଷା, ପୁଡୁଚେରୀ-୮
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୦୦/-




ମୋଟ ୪୦ଟି କବିତାକୁ ନେଇ ଆଲୋଚ୍ୟ ବହିଟି ଆତ୍ମପ୍ରକାଶ କରିଛି। 'ପ୍ରଚ୍ଛଦଲେଖ'ରେ ବହିଟି ସମ୍ପର୍କରେ କୁହାଯାଇଛି- "ଅନୁଚ୍ଚାରିତ କାବ୍ୟଗ୍ରନ୍ଥଟି ସମସାମୟିକ ଜୀବନର ଦ୍ୱନ୍ଦ୍ୱ, ସଂଘାତ ଓ ବିଡ଼ମ୍ବନାକୁ ପ୍ରତିଫଳିତ କରେ। ପାଠକେ ଏଥିରୁ ସାମ୍ପ୍ରତିକ ସମୟକୁ ନେଇ ଏକ ଜୀବନ-ଦୃଷ୍ଟି ଲାଭ କରିପାରିବେ।" ନିହାତି ମିଛ ନୁହେଁ ଏ ଉଲ୍ଲେଖ। ସୁରେଶଙ୍କ କବିତାରେ ବ୍ୟବହୃତ ଶବ୍ଦଗୁଡ଼ିକ ଉତ୍ତାପହୀନ ନୁହନ୍ତି। ଉଦ୍ଧୃତିଟିଏ- "ସକାଳ ଉଠି ଆସୁଛି ନଈପଠାରୁ/ ବିନ୍ଧୁଏ ରକ୍ତର ତିଳକ ନାଇ।/ ପକ୍ଷୀଏ ଗାଇ ପାରିଲେନି/ ଯେଉଁ କଳରବ/ କାନ୍ଦି ଶୁଣାଇ ପକଉଛି/ ସରଳ ମାଇପି।" ('ନିଆଁ'- ପୃ: ୯୪)। ଛୋଟଛୋଟ ଧାଡ଼ି, ଛୋଟଛୋଟ ଅନୁଭବ ଓ ଛୋଟଛୋଟ ଚିତ୍ର। ତାଣିଧରେ ଆଖିକୁ କବିତାର ନିଚୋଳ, ନିତିପର ଚିତ୍ର। ବହିଟି କବିଙ୍କ କବିତ୍ୱ ସମ୍ପର୍କରେ ନାନା ସମ୍ଭାବନାକୁ ଉଜାଗର ରଖେ।

## ସଂକଟ ଓ ସଂକଳ୍ପ

**ଲେଖକ:** ଡ. ପ୍ରଫୁଲ୍ଲ କୁମାର ସାହୁ
**ପ୍ରକାଶକ:** ଉତ୍ତରା ପ୍ରକାଶନୀ, ଉଦଳା
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୦୦/-




'ସଂକଟ ଓ ସଂକଳ୍ପ' ନିବନ୍ଧ ଗ୍ରନ୍ଥଟିରେ ସ୍ଥାନିତ ୪୫ଟି ନିବନ୍ଧ। ପ୍ରବନ୍ଧ ନ କହି ବରଂ ଏଗୁଡ଼ିକୁ କହିହେବ 'ସ୍ତମ୍ଭଲେଖ', କାରଣ ଏସବୁ ପ୍ରାୟତଃ ବିଭିନ୍ନ ଖବରକାଗଜରେ ଭିନ୍ନଭିନ୍ନ ସମୟରେ ପ୍ରକାଶିତ। 'ବହିର ବିକଳ୍ପ ନାହିଁ', 'ବିପନ୍ନ ମାତୃତ୍ୱ', 'ସଙ୍କଟରେ ଶୈଶବ', 'ଉଜୁଡ଼ା ଚାଷ ଓ ଅଲୋଡ଼ା ଚାଷୀ', 'ଗଣତନ୍ତ୍ରର ବ୍ୟଥା', 'କନ୍ଧମାଳର କୋହ', 'ସଙ୍କଟରେ ଶିକ୍ଷା ଓ ଶିକ୍ଷକ', 'ସଙ୍କଟରେ ଭାଗବତ ଟୁଙ୍ଗୀ', 'ବିକାଶ ଆଳୁଅାଳରେ ଗାଁ', 'ବିପନ୍ନ ପାହାଡ଼', 'ଦାରିଦ୍ର୍ୟ ଓ ନକଲି ଦରିଦ୍ର' ଏବଂ 'ଦୋଷୀ ଆମେ ସମସ୍ତେ' ଭଳି ଶୀର୍ଷକ ସୂଚାଇଦିଏ ଯେ ଏହା ସମୟ ଓ ସମାଜର ସାମ୍ପ୍ରତିକ ସ୍ଥିତିର ଚିତ୍ର ଓ ତା'ର ବିଶ୍ଳେଷଣ। ପ୍ରବନ୍ଧର ନାନା ଅବକାଶରେ ଲେଖକ ଦେଇଥିବା ମନ୍ତବ୍ୟଗୁଡ଼ିକ ପାଠକର ଚେତନାକୁ ସହସା ଉଦ୍ଦୀପିତ କରିବାର କ୍ଷମତା ରଖେ। ଯଥା: 'ଓଡ଼ିଆ ଜାତିକୁ ଏକ ଦାର୍ଶନିକ ଜାତିରେ ପରିଣତ କରିଛି ଜଗନ୍ନାଥ ଦାସଙ୍କ ଭାଗବତ' ('ବହିର ବିକଳ୍ପ ନାହିଁ', ପୃ: ୧୦), 'ଆଶିଷ ଅଜାଡ଼ି ଦେବାର ଅନ୍ୟ ନାଁ ବାପା' ('ଉପେକ୍ଷିତ ପିତୃତ୍ୱ', ପୃ: ୧୨), 'ମାତୃତ୍ୱ ଏକ ତପସ୍ୟା, ଏକ ଅପ୍ରମିତ ସାଧନା' ('ବିପନ୍ନ ମାତୃତ୍ୱ', ପୃ: ୧୬), 'ବିଦ୍ୟାଳୟ ଧନରେ ଗଢ଼ାଯାଏନି, ସେଥିପାଇଁ ମନଟିଏ ଲୋଡ଼ା' ('ସଙ୍କଟରେ ଶିକ୍ଷା ଓ ଶିକ୍ଷକ', ପୃ: ୭୮) ଇତ୍ୟାଦି। 'ଗଙ୍ଗା ସଫେଇ ଅଭିଯାନ ଓ ଅଦାଲତି ଛାଟ' ଭଳି ଆଲେଖ୍ୟରେ ଡ. ସାହୁଙ୍କର ପ୍ରଜ୍ଞା ଓ ପ୍ରକରଣ ପାଠକ ମନରେ ଯେଉଁ ରେଖାପାତ କରେ, ତାହା ଅତି ନିକଟରେ ଲିଭିବାର ନୁହେଁ।

## ଅକ୍ଷରବୋଧ

**ଲେଖକ:** ସେବକ ଚରଣ ଦାଶ
**ପ୍ରକାଶିକା:** ଶୋଭାଗିନୀ ଦାଶ, ଟିଟିଲାଗଡ଼, ବଲାଙ୍ଗିର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ନିଃଶୁଳ୍କ

'ଅକ୍ଷରବୋଧ' ବହିଟି ଅସଲରେ କୋସଲୀ ଭାଷାର ଏକ 'ବର୍ଣ୍ଣବୋଧ', ଯେପରି ଓଡ଼ିଆରେ 'ମଧୁ ବର୍ଣ୍ଣବୋଧ'। ଏଥିରେ ବ୍ୟବହୃତ 'ଲିପି' ଯଦିଓ ଓଡ଼ିଆ, କିନ୍ତୁ ବ୍ୟାକରଣ, ପ୍ରୟୋଗ ଓ ପ୍ରଦତ୍ତ ଦୃଷ୍ଟାନ୍ତଗୁଡ଼ିକ କୋସଲୀ। 'ଅସାଡ଼' (ଆଷାଢ଼) ଶବ୍ଦ ସମ୍ପର୍କରେ ଦିଆଯାଇଥିବା ଦୃଷ୍ଟାନ୍ତଟି ଏହିପରି- "ଅସାଡ଼ ଆଏଲେ ଖୁଲଖୁଲାସି/ ଚସାଭାଇର ମନ, /ହଳ ଜୁତବା, ବୁନ୍‌ବା ଧାନ/ ରଖବା ଜିବନ ଧନ।" ବହିଟିର ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ମାତ୍ରା (ଯଥା: 'ଆ' କାର, 'ଇ' କାର, 'ଉ' କାର, 'ଏ' କାର ଓ 'ଓ' କାର), ଅନୁସ୍ୱର, ଚନ୍ଦ୍ରବିନ୍ଦୁ, ଯୁକ୍ତାକ୍ଷର (ଯୁକ୍ତାକ୍ଷର) ଆଦିର ସରଳ ଚର୍ଚ୍ଚା ସୁବୋଧ ଦୃଷ୍ଟାନ୍ତ ସହ କରାଯାଇଛି। କୋସଲୀ ଭାଷାରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗ୍ରନ୍ଥଟି ସହାୟକ ହେବ ବୋଲି ଆଶା।

